ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.128 Bhubaneswar Sunday June 25 2023 | ୨୬ତମ ବର୍ଷ ସଂଖ୍ୟା–୧୨୮ ଭୁବନେଶ୍ୱର, ରବିବାର, ଜୁନ ୨୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଏଣିକି ଦିନକୁ ତିନି ପ୍ରକାର ବିଜୁଳି ଦେୟ ଦେବେ ଉପଭୋକ୍ତା

ଭୁବନେଶ୍ୱର,୨୪।୬(ପି.ଏନ): ବିଦ୍ୟୁତ ଦେୟ ନିୟମରେ ବଡ ପରିବର୍ତ୍ତନ। ଏଣିକି ଦିନର ଅଲଗା ଅଲଗା ସମୟ ପାଇଁ ଉପଭୋକ୍ତାଙ୍କୁ ଗଣିବାକୁ ପଡିବ ଭିନ୍ନ ଭିନ୍ନ ବିଦ୍ୟୁତ ଦେୟ। ଏଥିପାଇଁ ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମକୁ ସଂଶୋଧନ କରି ନୂଆ ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମ-୨୦୨୩ ନେଇ ଗେଜେଟ ବିଜ୍ଞପ୍ତି ଜାରି କରିଛି କେନ୍ଦ୍ର ଶକ୍ତି ମନ୍ତ୍ରାଳୟ। ବିଜ୍ଞପ୍ତି ଅନୁସାରେ, ୨୦୨୪ ଏପ୍ରିଲ ପହିଲାରୁ ୧୦ କିଲୋୱାଟ୍‌ରୁ ଅଧିକ ବିଜୁଳି ବ୍ୟବହାର କରୁଥିବା ବାଣିଜ୍ୟିକ ଓ ଶିଳ୍ପାଞ୍ଚଳ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଲାଗୁ ହେବ ଟାଇମ ଅଫ ଡେ' ଟାରିଫ। ୨୦୨୫ ମସିହା ଏପ୍ରିଲ ପହିଲାରୁ



କୃଷି ବ୍ୟତୀତ ଅନ୍ୟ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଏହି ନିୟମ କାର୍ଯ୍ୟକାରୀ ହେବ। ତେବେ କ'ଣ ଏ ଟାଇମ୍ ? ଅଫ ଡେ' ଟାରିଫ୍ ? ଏହା ଅଧୀନରେ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଗୁଡିକ ଗୋଟିଏ ଦିନକୁ ସୋଲାର ଆୱାର, ପିକ ଆୱାର ଓ ନର୍ମାଲ ଆୱାର ଭଳି ତିନିଟି ଭାଗରେ ବିଭକ୍ତ କରିବେ।

## ପତ୍ନୀ ହତ୍ୟା ମାମଲାରେ ପୂର୍ବତନ ଗୁଣପୁର ବିଧାୟକ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୪।୬(ପି.ଏନ): ପତ୍ନୀଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ପୂର୍ବତନ ଗୁଣପୁର ବିଧାୟକ ରାମମୂର୍ତ୍ତି ଗମାଙ୍ଗ । ୧୧ ଜଣ ସାକ୍ଷୀ ଓ ୧୫ଟି ଦସ୍ତାବିଜ୍ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି ଭୁବନେଶ୍ୱର ସ୍ପେଶାଲ କୋର୍ଟ । ଆସନ୍ତା ମଙ୍ଗଳବାର ଦଣ୍ଡ ବିଧାନ ଶୁଣାଣି ହେବ ।

ସୂଚନା ଅନୁଯାୟୀ ୧୯୯୫ ଅଗଷ୍ଟ ମାସ ୨୯ତାରିଖ ଗଣେଶ ପୂଜା ଦିନ ବିଧାୟକଙ୍କ ବାସଭବନରେ ପତ୍ନୀ ଶଶିରେଖା ଗମାଙ୍ଗଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା । ଖାରବେଳ ନଗର ସ୍ଥିତ ଘରୁ ପତ୍ନୀଙ୍କ ପୋଡ଼ା ମୃତଦେହ ମିଳିଥିଲା । ଘଟଣାରେ ପ୍ରଥମେ ୟୁଡି ଓ ପରେ ହତ୍ୟା ମାମଲା ରୁଜୁ କରିଥିଲା ପୋଲିସ ।

## ଜେଲ୍ ଗଲେ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ ରାଉତ

ଭୁବନେଶ୍ୱର, ୨୪।୬(ପି.ଏନ): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଜେଲ୍ ଯାଇଛନ୍ତି ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ। ଶନିବାର ସନ୍ଧ୍ୟାରେ ପ୍ରଶାନ୍ତଙ୍କୁ ରାଉରକେଲା ଭିଜିଲାନ୍ସ ଡିଭିଜନର ସ୍ୱତନ୍ତ୍ର ଟିମ୍ ଗିରଫ କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲେ। କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ୧୪ ଦିନ ପାଇଁ ସୁନ୍ଦରଗଡ଼ ଜିଲ୍ଲା କାରାଗାରକୁ ପଠାଇ ଦେଇଛନ୍ତି। ଜୁଲାଇ ୭ ତାରିଖ ଯାଏଁ ସେ ହାଜତରେ ରହିବେ ।ନିବାର ଦିନ ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କୁ ଭିଜିଲାନ୍ସ ଗିରଫ କରିଥିଲା । ସେ ତାଙ୍କ ଆୟ ଠାରୁ ୫୦୦% ଅଧିକ ସଂପତି ଠୁଳ କରିଛନ୍ତି ବୋଲି ଭିଜିଲାନ୍ସ ଏସ୍‌ପି ଏମ୍. ରାଧାକ୍ରିଷ୍ଣନ କହିଛନ୍ତି। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଶାନ୍ତଙ୍କ ମୋଟ ୫ କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କା ଠାବ ହୋଇଛି। ଯାହାକି ତାଙ୍କ ଆୟର ୫୦୬ ପ୍ରତିଶତ। ଗତକାଲି ଭିଜିଲାନ୍ସ ରେଡ୍ ବେଳେ ତାଙ୍କ ଘରୁ କେବଳ ୩ କୋଟି ୨ଲକ୍ଷ ୩୦ହଜାର ୮୦୦ଟଙ୍କାର ନଗଦ ଜବତ କରାଯାଇଥିଲା। ପ୍ରଶାନ୍ତ ରାଉତଙ୍କର ଭୁବନେଶ୍ୱରର କାନନ ବିହାର ଅଂଚଳରେ ଏକ ବହୁତଳ କୋଠା, କଟକ ଓ ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ୪ଟି ମୂଲ୍ୟବାନ ପ୍ଲଟ୍ ଓ ଉମରକୋଟରେ ଗୋଟିଏ ବେନାମୀ ପ୍ଲଟ୍ ରହିଛି। ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରଶାନ୍ତ ମୋଟ ୮୭ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ତାଙ୍କର ୨ଟି ଚାରିଚକିଆ ଯାନ ଅଛି। ତାଙ୍କ ଠାରୁ ୨୧.୩୫ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାରକୁ ଜବତ କରାଯାଇଛି। ସେହିଭଳି ତାଙ୍କର ବ୍ୟାଙ୍କ ଓ ବୀମା ଜମା ବାବଦକୁ ୯୨ଲକ୍ଷ ଟଙ୍କା ଡିପୋଜିଟ୍ ରହିଛି। ଏହା ବ୍ୟତୀତ ତାଙ୍କର ୨ ଟି ବେନାମୀ ଆକାଉଂଟରୁ ୩୮.୬୪ ଲକ୍ଷ ଟଙ୍କା ଠାବ କରାଯାଇଛି।

## ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତଙ୍କ ଆଡ଼ପ ଦର୍ଶନ

ପୁରୀ, ୨୪।୬(ପି.ଏନ): ଭକ୍ତର ଡ଼ୋରିରେ ବନ୍ଧା ଭାବଗ୍ରାହୀ। କାଳିଆ ଯେଉଁଠି ଗହଳି ସେଇଠି। ଶ୍ରୀମନ୍ଦିର ଏବେ ଖାଁ ଖାଁ। ହସୁଛି ଶ୍ରୀଗୁଣ୍ଡିଚା ମନ୍ଦିର । ଶରଧାବାଲି ଏବେ ଲୋକାରଣ୍ୟ । ଆଜି ସକାଳୁ ଝିପି ଝିପି ବର୍ଷା ଲାଗି ରହିଛି। ପ୍ରଭୁ ଇନ୍ଦ୍ର ଦେବ ପୁଷ୍ପ ବୃଷ୍ଟି କରି ଜଳ ସିଂଚନ କରୁଛନ୍ତି । ବ୍ରହ୍ମାଣ୍ଡ ଠାକୁର ଜନ୍ମବେଦିରେ ବିରାଜମାନ କରିଛନ୍ତି। ରଥଯାତ୍ରା ଦେଖିବା ପାଇଁ ସ୍ୱର୍ଗପୁରରେ ତେତିଶି କୋଟି ଦେବତା ଚାହିଁ ରହିଛନ୍ତି । ଏଣେ ଭକ୍ତ ମାନେ ବଡ଼ଶଙ୍ଖ ଠାରୁ ଲମ୍ବା ଧାଡ଼ିରେ ଯାଇ ପ୍ରଭୁଙ୍କ ଆଡ଼ପ ଦର୍ଶନ କରୁଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଆଡ଼ପ ଅବଢ଼ା ପାଇ ଭକ୍ତ ଆନନ୍ଦିତ ହୋଇଛନ୍ତି। ଆଜି ହେରା ପଂଚମୀ ଥିବାରୁ ଶରଧାବାଲିରେ ହେରାପଂଚମୀ ଭଜନ ଓ ମା ଲକ୍ଷ୍ମୀ ନନ୍ଦିଘୋଷ ରଥକାଠ ଭାଙ୍ଗିବା ନୀତି ଦର୍ଶନ ପାଇଁ ଭକ୍ତ ଅଟକି ରହିଛନ୍ତି। ଆସନ୍ତାକାଲି ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହେବ। ଏଥିପାଇଁ ତିନି ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ଠାରେ ରଖାଯିବ। ଶରଧାବାଲି ପିଚୁ ହୋଇ ଯାଇଥିବାରୁ ଦକ୍ଷିଣମୋଡ଼ ପାଇଁ ପିଚୁ ଉପରେ ବାଲି ବିଛାଯାଇଛି।

## ଭିଜିଲାନ୍ସ ରେଡକୁ ନେଇ କେନ୍ଦ୍ରମନ୍ତ୍ରୀ ଦେଇଥିବା ମତକୁ ସମାଲୋଚ଼ନା କଲେ ବିଜେଡି ସାଂସଦ ସସ୍ମିତ ପାତ୍ର



ଭୁବନେଶ୍ୱର,୨୪।୬(ପି.ଏନ): ଦୁର୍ନୀତି କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଆପଣେଇଛନ୍ତି ରାଜ୍ୟ ସରକାର । ଦୁର୍ନୀତ ଅଭିଯୋଗ ପ୍ରମାଣିତ ହେବା ପରେ ୧୮୦ ଅଫିସର ଓ କର୍ମଚ଼ାରୀଙ୍କୁ ବାଧ୍ୟତାମୂଳକ ଅବସର କିମ୍ବା ଚ଼ାକିରିରୁ ବିଦା କରାଯାଇଛି । କିନ୍ତୁ ରାଜ୍ୟରେ ସରକାରୀ ଅଧିକାରୀଙ୍କ ଉପରେ ଭିଜିଲାନ୍ସ ରେଡକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମତକୁ ନେଇ ହସୁଛନ୍ତି ଓଡ଼ିଶାବାସୀ । ଧର୍ମେନ୍ଦ୍ରଙ୍କ ଏଭଳି ମତକୁ ସମାଲୋଚ଼ନା କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର । ଧର୍ମେନ୍ଦ୍ରଙ୍କ ବୟାନ ଆଶ୍ଚର୍ଯ୍ୟକର ବୋଲି ସସ୍ମିତ ପାତ୍ର କହିଛନ୍ତି ।ରାଜ୍ୟ ସରକାରଙ୍କ ଜିରୋ ଟଲରାନ୍ସ ନୀତିକୁ ପ୍ରଶଂସା କରିବା ବଦଳରେ ଏଭଳି ବୟାନବାଜି କରି ରାଜନୀତି କରୁଛନ୍ତି ଧର୍ମେନ୍ଦ୍ର ପ୍ରଚ଼ାନ । ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ମଧ୍ୟ ଏହାକୁ ନେଇ ରାଜନୀତି କରିବା ହାସ୍ୟାସ୍ପଦ । ତାଳଚେର ଏମସିଏଲରେ କାହା ଛତ୍ରଛାୟା ତଳେ ଦୁର୍ନୀତି ଚ଼ାଲିଛି ତାହା ଓଡ଼ିଶାବାସୀ ଜାଣନ୍ତି ବୋଲି ସସ୍ମିତ ପାତ୍ର କହିଛନ୍ତି । କର୍ଣ୍ଣାଟକ ନିର୍ବାଚ଼ନ ପୂର୍ବରୁ ରାଜ୍ୟରେ ବିଜେପି ସରକାରର ଜଣେ ବିଧାୟକଙ୍କ ଘରୁ ୮ କୋଟି ଟଙ୍କା ନଗଦ ଧରାପଡ଼ିଥିଲା । ସେତେବେଳେ ନିର୍ବାଚ଼ନ ପାଇଁ ପର୍ଯ୍ୟବେକ୍ଷକ ଥିବା ଧର୍ମେନ୍ଦ୍ର ପ୍ରଧାନ କାହିଁକି ମୁହଁ ଖୋଲିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ।

## ଶିକାରୀ ଗୁଳିରେ ଫରେଷ୍ଟରଙ୍କ ମୃତ୍ୟୁ ମାମଲା, ୧୦ ଶିକାରୀ ଗିରଫ

ବାରିପଦା,୨୪।୬(ପି.ଏନ): ବାରିପଦାରେ ଶିକାରୀ ଗୁଳିରେ ଫରେଷ୍ଟରଙ୍କ ମୃତ୍ୟୁ ମାମଲା । ୧୦ ଶିକାରୀଙ୍କୁ ଗିରଫ କଲା ମୟୂରଭଂଜ ପୋଲିସ । ମୁଖ୍ୟ ଅଭିଯୁକ୍ତ ରମାଇ କଣ୍ଡିଆନ ସମେତ ୧୦ ଗିରଫ । ଅଭିଯୁକ୍ତ ୧୦ ଶିକାରୀଙ୍କ ଘର ଏଡେଲବେଡା ଅଞ୍ଚଳରେ ହୋଇଥିବା ସୂଚ଼ନା ମିଳିଛି । ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ଧନୁ-ତୀର ଜବତ କରିଛି ପୋଲିସ । ଅଭିଯୁକ୍ତଙ୍କ ବିରୋଧରେ କେସ ନମ୍ବର ୬୪/୨ରେ ଆଇପିସିର ଧାରା ୩୦୨, ୩୪, ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ଓ ୨୭ରେ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କ ନାଁରେ ପୂର୍ବରୁ ଠାକୁରମୁଣ୍ଡା



ଥାନାରେ ଶିକାର କରିବା ଅଭିଯୋଗରେ ମାମଲା ରହିଛି । ଘଟଣାରେ ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ମୟୂରଭଞ୍ଜ ଏସପି କହିଛନ୍ତି । ଶିମିଳିପାଳରେ ଶିକାରୀଙ୍କ ଗୁଳିରେ ଫରେଷ୍ଟର ମାଥି ହାଁସଦାଙ୍କର ମୃତ୍ୟୁ ହୋଇଥିଲା । ଶିମିଳିପାଳ ସାଉଥ୍ ଜୋନରେ ରାତି ଅଧରେ ଶିକାରୀଙ୍କ ଗୁଳି ଶବ୍ଦ ଶୁଣି ମୁକାବିଲା କରିବାକୁ ବାହାରିଥିଲେ ଫରେଷ୍ଟର ମାଥି ହାଁସଦା ।ଶିକାରୀମାନଙ୍କୁ ଅସ୍ତ୍ରଶସ୍ତ୍ର ସମର୍ପଣ କରିବାକୁ କୁହାଯାଇଥିଲେ ଫରେଷ୍ଟ ବିଟ୍ ହାଉସରେ ଶିକାରୀଙ୍କ ଅଚ଼ାନକ ଗୁଳି ଚ଼ାଳନା କରିଥିଲେ । ଫରେଷ୍ଟରଙ୍କ ଛାତିରେ ତିନୋଟି ଗୁଳି ବାଜି ମୃତ୍ୟୁ ହୋଇଥିଲା ।

## ୨୪ ଘଂଟାରେ ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୨୪।୬(ପି.ଏନ): ଆଗାମୀ ୨୪ ଘଂଟା ମଧ୍ୟରେ ବଙ୍ଗୋପସାଗର ଅଂଚଳରେ ଲଘୁଚାପ ସମ୍ଭାବନା ରହିଛି। ଉତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଉତର ଓଡିଶା -ପଶ୍ଚିମବଙ୍ଗ ଉପକୂଳରେ ୭.୬ କିମି ଉଚ୍ଚତା ଯାଏଁ ବାୟୁମଣ୍ଡଳରେ ଘୂର୍ଣ୍ଣି ବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ଘଂଟା ମଧ୍ୟରେ ସମାନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ମୌସୁମୀ ବାୟୁ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି।

## କାରକୁ ଧକ୍କା ଦେଲା ହାଇୱା: ୨ ମୃତ, ୪ ଗୁରୁତର

ଭୁବନେଶ୍ୱର, ୨୪।୬(ପି.ଏନ): ସୁନ୍ଦରଗଡ ଜିଲ୍ଲା ଲହୁଣୀପଡ଼ା ଥାନା ସୁଖାବନ୍ଧ ନିକଟରେ ୨୧୫ ନମ୍ବର ଜାତୀୟ ରାଜପଥରେ ଏକ କାରକୁ ଏକ ହାଇୱା ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି ।ମୃତାହତମାନେ ଅନୁଗୋଳ ଜିଲ୍ଲା ପାଳଲହଡା ଅଞ୍ଚଳର। ସେମାନେ ଏକ ବିବାହ ଭୋଜି ଖାଇବା ପାଇଁ ସୁନ୍ଦରଗଡ ଜିଲ୍ଲା କେ. ବଲାଙ୍ଗକୁ ଯାଇଥିଲେ। ତେବେ କୌଣସି କାମରେ ସେମାନେ କେ. ବଲାଙ୍ଗରୁ ଲହୁଣୀପଡା ଯାଇଥିଲେ।

## ଭୁବନେଶ୍ୱର ଶିଖରଚଣ୍ଡିରେ ଅନୁଧ୍ୟାନ କଲା ଏନଜିଟି ଟିମ

ଭୁବନେଶ୍ୱର,୨୪।୬(ପି.ଏନ) : ରାଜଧାନୀ ଭୁବନେଶ୍ୱର ଶୋଭାବର୍ଦ୍ଧନ କରୁଛି ଶିଖରଚ଼ଣ୍ଡୀ ପାହାଡ। ଆଜି ସେହି ଶବୁଜିମା ପାହାଡ ଚ଼ର୍ଚ୍ଚାରେ। କାରଣ ପାନୀୟ ଜଳ ପ୍ରକଳ୍ପ ନାଁରେ ସେହି ପାହାଡରୁ ଗଛ କାଟି ଦିଆଯାଉଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ସ୍ଥାନୀୟ ଲୋକ ଓ ମା' ଶିଖରଚ଼ଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନ କରୁଥିବା ବେଳେ ମାମଲା ଯାଇ ପହଞ୍ଚିଛି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍(ଏନ୍‌ଜିଟି)। ଆଜି ଗ୍ରାଉଣ୍ଡ ଜିରୋରେ ସରଜମିନ ତଦନ୍ତ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍। ଶିଖରଚ଼ଣ୍ଡୀ ପାହାଡ ଉପରେ ସରଜମିନ ତଦନ୍ତ କରିଛି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଟିମ୍(ଏନ୍‌ଜିଟି)। ପାହାଡରୁ କେତେ ଗଛ କଟା ଯାଇଛି ? କେଉଁ ପ୍ରକଳ୍ପ ପାଇଁ ଗଛ କଟାଯାଇଛି ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନିଆଯାଇଛି ନା ନାହିଁ ?ଏନଜିଟିଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାମ କାହିଁକି ଅଟକିଲା ନାହିଁ ଏ ସବୁ ପ୍ରଶ୍ନର



ଉତର ମାଗି ତାଗିଦ କରିଛନ୍ତି ଏନଜିଟି ଟିମ୍। ତା'ସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ପ୍ରକଳ୍ପ ସହ ପରିବେଶ ମଞ୍ଜୁରୀ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ଉଭୟ ୱାଟ୍‌କୋ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ୩୪ ଜିଲା ଓ ସିଟି ଆହାର ସମିତିକୁ ୧୧ କୋଟି ୧୭ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର, ୨୪।୬(ପି.ଏନ): ରାଜ୍ୟର ସମସ୍ତ ପୌରାଂଚଳରେ ଥିବା ୩୪ ଜିଲା ଆହାର ସମିତି ଓ ସିଟି ଆହାର ସମିତିକୁ ଗୃହ, ନଗର ଉନ୍ନୟନ ବିଭାଗ ୧୧ କୋଟି ୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଓ ୨୦୨୩ -୨୪ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପାଇଁ ଏହି ଅର୍ଥ ରିଲିଜ କରାଯାଇଛି ଓ ଏହି ପାଣ୍ଠି ରାଜ୍ୟରେ ୧୬୭ ଆହାର କେନ୍ଦ୍ର ମାଧ୍ୟମରେ ଗୁଣାତ୍ମକ ଖାଦ୍ୟ ବଂଟନକୁ ସହଜ କରିବ ଏବଂ କୌଣସି ସମସ୍ୟାର ସମ୍ମୁଖୀନ ହେବ ନାହିଁ ବୋଲି ନୋଡାଲ ଅଧିକାରୀ ସାରଦା ପ୍ରସାଦ ପଣ୍ଡା କହିଛନ୍ତି। ପ୍ରକାଶକ ଥାଉକି ଆହାର, ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ କାର୍ଯ୍ୟକ୍ରମ ଯାହା ନାଗରିକଙ୍କ କଲ୍ୟାଣ ପାଇଁ ସେମାନଙ୍କର ଗଭୀର ପ୍ରତିବଦ୍ଧତାର ପ୍ରତୀକ ପାଲଟିଛି। ୫ଟି ମହାନଗର ନିଗମରେ ୨୧ଟି 'ଆହାର' କେନ୍ଦ୍ର ସହିତ ଏକ ସାମାନ୍ୟ ପ୍ରୟାସ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଏବେ ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି। ରାଜ୍ୟର ସମସ୍ତ ୧୧୫ ଟି ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନେଇ ଗଠିତ ଓଡ଼ିଶାରେ ୧୬୭ ଟି 'ଆହାର' କେନ୍ଦ୍ର ରହିଛି। ପ୍ରତ୍ୟେକ ଦିନ, ଏହି ସ୍ମାରକୀ ପ୍ରୟାସ ପ୍ରାୟ ଏକଲକ୍ଷ ଯୋଗ୍ୟ ବ୍ୟକ୍ତିଙ୍କ ଜୀବନକୁ ଛୁଇଁଥାଏ, ଯାହା ସୁନିଶ୍ଚିତ କରେ ଯେ କେହି ଭୋକିଲା ଶୋଇବେ ନାହିଁ। ସାମୁହିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ସରକାର 'ଆହାର' କାର୍ଯ୍ୟକ୍ରମରେ ଶେଷ ପର୍ଯ୍ୟନ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଇଛନ୍ତି ଓ ସମସ୍ତ ୧୬୭ ଟି ଆହାର କେନ୍ଦ୍ର ଓ ୨୭ଟି ଆହାର ରୋଷେଇ ଘର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସହରାଂଚଳ ସ୍ଥାନୀୟ ପୌର ସଂସ୍ଥା ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ପାରିଶ୍ରମିକ ପ୍ରଦାନ କରିବାକୁ କୁହାଯାଇଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## ସରକାରଙ୍କ ବାମ ହାତ କଣ କରୁଛି ଜାଣି ପାରୁନାହିଁ ଡାହାଣ ହାତ : ନରସିଂହ

ବଲାଙ୍ଗିର, ୨୪।୬(ପି.ଏନ): ବଲାଙ୍ଗିରରେ ବିପର୍ଯ୍ୟୟ ପରିଚାଳନା ପାଇଁ ସରକାରଙ୍କ ଠାରୁ ଲଢେଇ କରି ଅନେକ ଅନୁଦାନ ଅଣାଯାଇଛି । ହଠାତ ମାତ୍ରାଧିକ ବର୍ଷା ଦ୍ୱାରା ଗନ୍ଧେଲ ଡ୍ୟାମରୁ ପାଣି ଆସି ଲକ୍ଷ୍ମୀ ଜୋର୍ ଉଛୁଳି ବହୁ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ସେ ଅସୁବିଧାକୁ ଆଖି ଆଗରେ ରଖି ପୁଣି ଲକ୍ଷ୍ମୀ ଯୋରରେ ବନ୍ୟା ପ୍ରତିରୋଧକ ବାଡ, ଉଭୟ କଡରେ ରାସ୍ତା ଓ ନାଳ ସହ ଗନ୍ଧେଲ ଡ୍ୟାମର ମଧ୍ୟ ମରାମତି ଓ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଅଣାଯାଇଛି । କିନ୍ତୁ, ସରକାର ଦେଉଥିବା ଅନୁଦାନ ଏଠାରେ ପ୍ରଶାସନିକ ଅବହେଳା ଯୋଗୁଁ ଖର୍ଚ୍ଚ ହୋଇପାରୁ ନାହିଁ । ହଠାତ ପୁଣି ଥରେ ଯଦି ରେକର୍ଡ ପରିମାଣର ବର୍ଷା ହୁଏ ତେବେ ବଲାଙ୍ଗିରରେ ଯେ ଏକ ବଡ ବିପର୍ଯ୍ୟୟ ସୃଷ୍ଟି ନହେବ ତାହା କିଏ କହି ପାରିବ । କେବଳ ପ୍ରଶାସନିକ ଅବହେଳା ନୁହେଁ ଏଥିରେ ସ୍ଥାନୀୟ ସରକାରୀ ଦଳର ବଡପଣ୍ଡା ମାନେ ମଧ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଆସିଥିବା ଅର୍ଥ ବିନିଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ତେଣୁ, ଏହା ପ୍ରମାଣିତ କରୁଛି ଯେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ରାଜ୍ୟ ସରକାର ବଲାଙ୍ଗିରର ବିପର୍ଯ୍ୟୟ ପରିଚାଳନା ବେଳକୁ ଏକ ଅପାରଗ ସରକାର ଭାବରେ ନିଜକୁ ପ୍ରମାଣିତ କରୁଛି ବୋଲି ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକରେ ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରୁ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗତବର୍ଷ ର ବିପର୍ଯ୍ୟୟ ରିଚାଳନା କମିଟି ବୈଠକରେ ବଲାଙ୍ଗିର ପାଇଁ ପଚରା ଯାଇଥିବା ପ୍ରଶ୍ନର ବିଭାଗ ପକ୍ଷରୁ ଦିଆଇଥିବା ଉତର ସମ୍ପୂର୍ଣ୍ଣ ଭାବେ ମନଗଢା ଓ ମିଥ୍ୟା ।ଯେପରିକି ଉତରରେ କୁହାଯାଇଛି ଯେ, ଲକ୍ଷ୍ମୀ ଯୋର ପାର୍ଶ୍ୱରେ ଜବର ଦଖଲରେ ଥିବା ଲୋକଙ୍କୁ ଉଚ୍ଛେଦ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । କିନ୍ତୁ, ବିଡମ୍ବନାର ବିଷୟ ଏଠାରେ ବାସ କରୁଥିବା ଭୂମୀହିନ ଓ ଗରୀବଙ୍କୁ ଜାଗା ଓ ଘର ଦିଆଯାଇଥିଲେ ହେଁ , ଧନୀ ଜବରଦଖଲକାରୀ ଏବଂ ମ୍ୟୁନିସିପାଲିଟିର ଚାପରେ ବେଆଇନ ଧନୀ ଜବରଦଖଲକାରୀଙ୍କୁ ହଟା ଯାଉ ନାହିଁ । ତେଣୁ ଏଥିରୁ ସ୍ପଷ୍ଟ ଯେ, ଯୋଜନା କାର୍ଯ୍ୟକାରୀତା କ୍ଷେତ୍ରରେ ସରକାରଙ୍କ ଡାହାଣ ଓ ବାମ ହାତ ମଧ୍ୟରେ ଶାସକ ଦଳର ଚାପ ଯୋଗୁଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି । ଏହାର ଜଳନ୍ତ ଉଦାହରଣ ହେଉଛି ମହାରଣୀ ସାଗର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ। ଯେଉଁ ପ୍ରକଳ୍ପ ପାଇଁ ଦେଢ ବର୍ଷ ପୂର୍ବରୁ ଆଠ କୋଟି ଟଙ୍କା ଅନୁଦାନ ଆସି ପୌର ପରିଷଦ ଓ ସ୍ଥାନୀୟ ବିଜେଡି ନେତାଙ୍କ ଚାପ ଯୋଗୁଁ କାମ ନହୋଇ ପଡି ରହିଛି ।ବୈଠକରେ ବିଧାୟକ ଶ୍ରୀ ମିଶ୍ର ନାଇକେନ ଯୋର ଠାରେ ଚେକଡ୍ୟାମରେ ଫଟକରା ନୁଆପଡାରୁ କୁଡାସିଂହା ମଧ୍ୟରେ ବଡ ଅଂଚଳରେ ମାଟି ଜମି ଯାଉଥିବାରୁ ଲୋକଙ୍କ ଅନେକ ଅସୁବିଧା ହେଉଛି । ତେଣୁ ଏହି ମାଟି ଉଠାଇବା ପାଇଁ ପଦକ୍ଷେପ ନିଆଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଠିକ ସେହିପରି ଶୋନଗଡ ନଦୀ ଉପରେ ଶିକୁଆଁ- ଭୁତିଆର ବାହାଲ ବ୍ୟାରେଜର ମଞ୍ଜୁରି ଚୂଡ଼ାନ୍ତ ପର୍ଯ୍ୟାୟରେ ଥିଲା କିନ୍ତୁ, ଏହା ଯୋଗୁଁ ଏକ ଗାଁ ପାଣିଘେରରେ ରହିଯିବା ଭୟ ଥିବାରୁ ତାର ଡିପିଆରରେ କିଛି ପରିବତର୍ତନ କରାଯାଇଥିଲା । ଯାହାକି ଆଜି ପର୍ଯ୍ୟନ୍ତ ବୈଷୟୀକ କମିଟିର ମଞ୍ଜୁରି ପାଇଁ ଅଟକି ରହିଛି । ଏହି ପ୍ରକଳ୍ପକୁ ପ୍ରାଥମିକତା ଭିତିରେ ଶିଘ୍ର ଆରମ୍ଭ କରାଯାଉ । ଆନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ଯୋଗୁଁ ଚିର ମରୁଡି ପ୍ରପିଡିତ ବଲାଙ୍ଗିର ଜିଲ୍ଲାର ଜମି ଆଦ୍ରତା, ଉର୍ବରତା ବଢିବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ସୋନଗଡ ନଦୀ ଉପରେ ଜରାସିଂହା ଠାରେ ଏକ ଆନ୍ତଃନଦୀ ଜଳସଂରକ୍ଷଣ ବ୍ୟାରେଜ ନିର୍ମାଣ କରାଯିବା ଆବଶ୍ୟକ ଏବଂ ବନ୍ୟା ପ୍ରତିରୋଧକ ଏବଂ ତେଲନଦୀ ଓ ସୋନଗଡ ନଦୀରେ ବନ୍ୟା ପ୍ରତିରୋଧକ ବାଡ ନିର୍ମାଣ କରାଯାଉ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ଆଲୋଚନା ବେଳେ ପ୍ରସ୍ତାବ ରଖିଥିଲେ । ବୈଠକରେ ଶ୍ରୀ ମିଶ୍ର ଲୋୟର ଶୁକତେଲ ଜଳ ସେଚନ ପ୍ରକଳ୍ପ ଏବଂ ଶୁକତେଲ ନଦୀ ଉପରେ ଚାଲିଥିବା ଆନ୍ତଃନଦୀ ଜଳ ସଂରକ୍ଷଣ ବ୍ୟାରେଜର କାମ କ୍ଷିପ୍ର ଗତିରେ ଚାଲିଥିବାରୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କୁ ଧନ୍ୟବାଦ ଦେବା ସହ ସେ ଦେଇଥିବା ବିଭିନ୍ନ ପ୍ରସ୍ତାବ ଗୁଡିକୁ ଶିଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଥିଲେ ।

## ଗୁଜରାଟରୁ ପୁଣି ଜଣେ ନକଲି PMO ଅଧିକାରୀ ଧରାପଡିଲେ

ଗୁଜୁରାଟ,୨୪।୬(ପି.ଏନ): ପୁଣିଥରେ ଗୁଜରାଟରୁ ଧରା ପଡିଛନ୍ତି ଜଣେ ନକଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ପିଏମଓ ଅଧିକାରୀ। ବ୍ୟକ୍ତି ଜଣଙ୍କ ନିଜକୁ ପିଏମଓର ଅଧିକାରୀ କହି ଗୋଟିଏ ଘରୋଇ ସ୍କୁଲରେ ନିଜର ଦୁଇ ପିଲାଙ୍କ ନାଁ ଲେଖାଇବା ସହ ନକଲି ପରିଚ଼ୟପତ୍ର ଦେଇ ବ୍ୟାପକ ଟଙ୍କା ହଡକ କରିବାକୁ ଚେଷ୍ଟା କରୁଥିଲେ। ତେବେ ଏହି ନକଲି ପିଏଓ କର୍ମଚ଼ାରୀଙ୍କୁ ଗୁଜରାର ଭଦୋଦରା ପୁଲିସ୍ ? ଗିରଫ କରିବାକୁ ସକ୍ଷମ ହୋଇଛି ।ଗିରଫ ବ୍ୟକ୍ତି ଜଣଙ୍କ ହେଲେ ମୟଙ୍କ ତିୱାରୀ। ତାଙ୍କ ପୂର୍ବରୁ ଅହମଦାବାଦର ମୂଳବାସିନ୍ଦା କିରଣ ପଟେଲ ନିଜକୁ ପିଏମଓ ଅଧିକାରୀ କହି



ସବୁ ପ୍ରକାରର ସୁବିଧା ସୁଯୋଗ ହାତେଇ ଥିଲେ। ପଟେଲ ଜମ୍ମୁ-କଶ୍ମୀରର ୫ଷ୍ଟାର ହୋଟେଲରେ ରହିବା ସହ ସୁରକ୍ଷା ବଳୟ ମଧ୍ୟରେ ଉପତ୍ୟକାରେ ଭ୍ରମଣ କରିଥିଲେ ।ପିଏମଓର ଅଧିକାରୀ ନାଁରେ କିରଣ ପଟେଲ ସମସ୍ତଙ୍କୁ ଧୋକା ଦେଇଥିଲେ। ଏହାକୁ ନେଇ ହଇଚ଼ଇ ସୃଷ୍ଟି ହୋଇଥିବା ବେଳେ ଏବେ ଗୁଜରାଟରୁ ଆଉ ଜଣେ ନକଲି ପିଏମଓ ଅଧିକାରୀ ମୟଙ୍କ ତିୱାରୀ ଧରାପଡିଛନ୍ତି।

## ଗୁଲପୁର ସେକ୍ଟରରେ ଆତଙ୍କବାଦୀ -ଯବାନ ଗୁଳି ବିନିମୟ

ପୁଞ୍ଛ, ୨୪।୬(ପି.ଏନ): ଜମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲା ଅନ୍ତର୍ଗତ ଗୁଲପୁର ସେକ୍ଟରରେ ନିୟନ୍ତ୍ରଣ ରେଖା ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ଆତଙ୍କବାଦୀଙ୍କ ସହିତ ସଂଘର୍ଷ ବେଳେ ଭାରତୀୟ ସେନାର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ତୁରନ୍ତ ନିକଟସ୍ଥ ସେନା ହସ୍ପିଟାଲରେ ଭର୍ତି କରାଯାଇଛି । ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ବିଳମ୍ବିତ ରାତିରେ ଏହି ସଂଘର୍ଷ ଫରୱାର୍ଡ଼ ରେଞ୍ଜ୍ ର ନାଳ ନିକଟରେ ଘଟିଥିଲା । ଭାରତୀୟ ଯବାନ ମାନେ ଘନ ଜଙ୍ଗଲ ରାସ୍ତାରେ ଅନ୍ଧକାର ମଧ୍ୟରେ ତିନି ଜଣ ସଶସ୍ତ୍ର ଆତଙ୍କବାଦୀ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ । ସେମାନେ ଆତଙ୍କବାଦୀଙ୍କୁ ଏଥିରୁ ନିବୃତ ରହିବାକୁ ଚେତାବନୀ ଦେଇଥିଲେ । ହେଲେ ଏହାପରେ ଆତଙ୍କବାଦୀ ମାନେ ଯବାନଙ୍କୁ ଟାର୍ଗେଟ୍ କରି ଗୁଳିମାଡ କରିଥିଲେ । ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଚାଲିଥିବା ଏହି ସଂଘର୍ଷରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ତେବେ ଆତଙ୍କବାଦୀ ମାନେ ଘଂଚ ଜଙ୍ଗଲର ସୁଯୋଗ ନେଇ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ ।




# ପଣ୍ଡିତେ ଜେପି ନଡ୍ଡା ଜୀ ଉତର ରଖିବେ କି? : କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ଏହି କିଛି ଦିନ ତଳେ ଭାରତୀୟ ଜନତାପାର୍ଟିର ଜାତୀୟ ସଭାପତି ଶ୍ରୀ ଜେପି ନଡ୍ଡା ଓଡ଼ିଶାକୁ ଆସିଥିଲେ। ତାଙ୍କର ଏହି ଗସ୍ତ ଓଡ଼ିଶାର ଜନସାଧାରଣଙ୍କ ବିକାଶ ବା ରାଜ୍ୟର ସାମଗ୍ରିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଖସଡ଼ା ନେଇ ଆସିନଥିଲେ। ସେ ନିଜ ଦଳର ଦୁର୍ବଳ କର୍ମୀ ଓ ନେତାମାନଙ୍କ ମନରେ ପ୍ରାଣ ସଂଚାର କରିବାପାଇଁ ଆସିଥିଲେ। ଦଳ ଭିତରେ ଥିବା ଗୋଷ୍ଠି କନ୍ଦଳକୁ ଦୂର କରିବାପାଇଁ ତାଙ୍କର ଏ ଗସ୍ତ ବୋଲି ତାଙ୍କ ଉକ୍ତିର ସ୍ପଷ୍ଟ ପ୍ରମାଣିତ ହେଉଛି। ଶ୍ରୀ ନଡ୍ଡାଙ୍କ କଂଗ୍ରେସ ଦଳ ପ୍ରତି ଅଶାଳୀନ ମୂର୍ଖ ମନ୍ତବ୍ୟକୁ ଅତି କଡ଼ା ଭାଷାରେ ସମାଲୋଚନା କରି କହିଛନ୍ତି ଯେ ପଣ୍ଡିତ ଶ୍ରୀ ନଡ୍ଡାଙ୍କ ଗଭୀର ପାଣ୍ଡିତ୍ୱକୁ ଆଧାର କରି ଦୟାକରି ସେ ରାଜ୍ୟର କ୍ଷତି ପାଇଁ ଓ ଦେଶର କ୍ଷତିପାଇଁ ୧୮ ଟି ପ୍ରଶ୍ନର ଉତର ରଖିବାକୁ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁଗୋ ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସମ୍ବୋଦ୍ଧିତ କରି ଏହି ପ୍ରଶ୍ନ ଉତ୍‌ଥାପନ କରିଛନ୍ତି। ରାଜ୍ୟ ପରିପ୍ରେକ୍ଷୀରେ ତାଙ୍କର ପ୍ରଥମ ପ୍ରଶ୍ନ ରାଜ୍ୟ ସ୍ୱାର୍ଥ ବିରୋଧର ଯାଇ କଂଗ୍ରେସ ସମୟରୁ ଚାଲୁଥିବା କେତୋଗୋଟି ଯୋଜନାକୁ କେନ୍ଦ୍ର ବିଜେପି ସରକାର ବନ୍ଦ କରିଛି ଏବଂ କାହିଁକି? କଂଗ୍ରେସ ସରକାର ସମୟରେ କେନ୍ଦ୍ର ଓ ରାଜ୍ୟ ଯୋଜନାର ଅଂଶ ୯୦:୧୦ ପ୍ରତିଶତ ଏବଂ ଗୃହ ଯୋଜନାରେ ୭୫:୨୫ ଥିଲା ବେଳେ ୨୦୧୪ ମସିହା ପାଖରୁ ଏହାକୁ ୬୦:୪୦ କରିଦିଆଯାଇଛି। ଏହାଦ୍ୱାରା ରାଜ୍ୟ ଉପରେ ଯେଉଁ ଆର୍ଥିକ ବୋଝ ପଡୁଛି ତଦ୍ୱାରା ରାଜ୍ୟ ବହୁଯୋଜନା କାର୍ଯ୍ୟକାରୀ କରିପାରୁ ନାହିଁ। ୨୦୧୪ ମସିହା ପୂର୍ବରୁ କଂଗ୍ରେସ ସରକାର ସମୟରେ ୬୩.୫ % ବଜେଟ୍‌ର ଅନୁଦାନ ରାଜ୍ୟମାନଙ୍କୁ ଦିଆଯାଉଥିଲା। ଏବେ ତାହାର ପରିମାଣ କମି ୫୪.୭୫ କୁ ପହଂଚିଲାଣି। ଦେଶରେ ବିଭିନ୍ନ ରାଜ୍ୟରେ ସିବିଆଇ ଓ ଇଡି ଚଢ଼ାଉ କେତେ ରାଜନେତାଙ୍କ ଉପରେ କରିଛି ଆଉ ଏ ରାଜ୍ୟରେ କେତେ ଥର କରିଛି? କାହା ଉପରେ? କେତେ ଥର ପ୍ରହଶନ କରିଛି? ଚିଟଫଣ୍ଡ, ଖଣିଦୁର୍ନୀତି ଓ ବ୍ଲାକରୋଜ ବୁଡ଼ିଯିବା



ଘଟଣାର ତଦନ୍ତର ଗତି କୁଆଡ଼େ? ଇଡି, ସିବିଆଇ ଏ ରାଜ୍ୟକୁ ଟୁରିଜିମ ପାଇଁ ଆସନ୍ତି। କିନ୍ତୁ ଓଡ଼ିଶାର ଜନସାଧାରଣଙ୍କୁ ନ୍ୟାୟ ଦେବାପାଇଁ ନୁହେଁ। ବିଜେପି ସରକାର ବୋଧହୁଏ ପ୍ରମାଣିତ କରୁଛି ଓଡ଼ିଶା ସରକାର ସବୁ ଠିକ୍‌ଠାକ ଚାଲିଛି ଏଠି କିଛି ଦୁର୍ନୀତି ହୋଇନାହିଁ ବା ହେଉନାହିଁକି? ଏ ରାଜ୍ୟ ସରକାର କ'ଣ ପୂର୍ଣ୍ଣ ଦୁର୍ନୀତିମୁକ୍ତ କି? ଯଦି ନୁହେଁ ତାହାଲେ ଗିରଫ ସଂଖ୍ୟା କେତେ? ଯଦି ଏ ରାଜ୍ୟରେ ଆଉଟସୋସିଂ ଦ୍ୱାରା ଶାସନ ଚାଲିଛି ବୋଲି କୁହାଯାଉଛି ତାହାଲେ ଯେଉଁ କତିପୟ ସର୍ବଭାରତୀୟ ସେବା ଅଧିକାରୀମାନେ କେନ୍ଦ୍ର ବିଜେପି ଓ ଓଡ଼ିଶା ବିଜେଡ଼ି ସରକାର ମଧ୍ୟରେ ମଧ୍ୟସ୍ଥି ସାଜିଛନ୍ତି ସେମାନଙ୍କ ନାମ ପ୍ରକାଶ କରିବେ କି? ଏ ପର୍ଯ୍ୟନ୍ତ ଯେଉଁ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀମାନେ ନିଜ ଚାକିରୀ ଆଇନର ସର୍ତାବଳୀକୁ ମାନୁ ନାହାନ୍ତି ତାଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଟାରମିକ ମନ୍ତ୍ରଣାଳୟ କି ପଦକ୍ଷେପ ନେଇଛି? ନା କେବଳ ଉଭୟ ଦଳର ବ୍ୟବସାୟ ବୃଦ୍ଧି ପାଇଁ ସେମାନଙ୍କୁ ବ୍ୟବହାର କରାଯାଉଛି। ମୋଦି ଓ ସାହା ସରଙ୍କାର ଜନବିରୋଧି ନୀତି ଓ ନିଷ୍ପତି ସତ୍ତ୍ୱେ କାହିଁକି ରାଜ୍ୟ ସରକାର କେନ୍ଦ୍ର ବିଜେପି ସରକାରର ସମସ୍ତ ଅପକର୍ମକୁ ସମର୍ଥନ ଦେଉଛନ୍ତି ଏଥିରେ କ'ଣ ସ୍ୱାର୍ଥ ରହିଛି କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କୁ ସମସ୍ତ ଦୁର୍ନତୀ ସତ୍ତ୍ୱେ କେତେଥର ପୁରସ୍କୃତ କରିଛନ୍ତି। ରାଜ୍ୟରେ ବିଶ୍ୱସ୍ତରୀୟ ବ୍ୟବସ୍ଥା କରିବାପାଇଁ କେତେଥର ଘୋଷଣା କରାଗଲାଣି? ଓ ୯ବର୍ଷ ଭିତରେ ଏ ସମସ୍ତ ଯୋଜନା ରୂପାୟନ ହୋଇନାହିଁ କାହିଁକି? ରାଜ୍ୟର ଖଣି ଖାଦାନ ଲୁଟରେ ରାଜ୍ୟ ସରକାରଙ୍କୁ କି କି ସାହାଯ୍ୟ କେନ୍ଦ୍ର ଦେଇଛି। ସେହିଭଳି ଭାବରେ ଭାରତବର୍ଷରେ ଗତ ୧୦ ବର୍ଷ ଭିତରେ ଅର୍ଥନୈତିକ ଅଭିବୃଦ୍ଧିର ଉପସ୍ଥାପନ କରିବେକି? ଗତ ୯ବର୍ଷ ଭିତରେ ଦେଶ ଉପରେ ଏତେ ଋଣଚାପ କାହିଁକି ବଢୁଛି? ଭାରତ ସ୍ୱାଧୀନତା ଠାରୁ ଆରମ୍ଭ କରି ୨୦୧୪ ମସିହା ପର୍ଯ୍ୟନ୍ତ ଭାରତ ସରକାରଙ୍କର ସମୁଦାୟ ଋଣ ୫୫.୮୭ ଲକ୍ଷ କୋଟି ଥିବା ବେଳେ ଏହି ୯ବର୍ଷ ଭିରେ ଋଣ ପରିମାଣ ୧୫୫.୩୧ କୋଟିକୁ ପହଂଚିଛି ଅର୍ଥାତ ଋଣ ତିନିଗୁଣା ବୃଦ୍ଧି ପାଇଛି। ୫ ଟ୍ରିଲିୟନ ଅର୍ଥନୀତିର ଯେଉଁ ସ୍ୱପ୍ନ ଦେଖାଯାଇଥିଲା ତାହା କାହିଁକି ଶୁଭୁନାହିଁ କି ଦେଖାଯାଉ ନାହିଁ। ମିଛ ବଖାଣିବା, ମିଛକୁ ବାଂଟିବା ଏ ଦଳର ନେତାମାନଙ୍କର ଏକମାତ୍ର କାମ। ଅତ୍ୟାବଶକୀୟ ସାମଗ୍ରୀ ଦରବୃଦ୍ଧିକୁ ରୋକାଯାଇ ପାରିଲାନାହିଁ। ପେଟ୍ରୋଲ, ଡିଜେଲ, ଗ୍ୟାସ, ଡାଲି ଓ ଖାଇବା ତେଲର ଦର କେଉଁଠି। ମଧ୍ୟମବର୍ଗ ଆୟକାରୀଙ୍କ ସଂଖ୍ୟା ଏତେ ପରିମାଣରେ କମିବାରେ କାରଣ କ'ଣ। ଭାରତବର୍ଷରେ ରେଳ ଦୁର୍ଘଟଣା ପୂର୍ବ ଅପେକ୍ଷା ୪ଗୁଣ ବୃଦ୍ଧି ପାଇବା କ'ଣ ସୂଚାଉଛି। ଦେଶର ଚାଷ ଓ ଚାଷୀର ଅଧୋଗତି ଏହି ୯ ବର୍ଷରେ ଅତ୍ୟନ୍ତ ନିଚସ୍ତରକୁ ଚାଲିଯାଇଛି କାହିଁକି? ଏହାର ଉତର ନିଶ୍ଚୟ ବିଜେପି ଦଳର ନେତୃବର୍ଗ ରଖିବେ ବୋଲି। ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ କହିଲେ ଯେ ରୋମ ଜଳୁଥିବା ବେଳେ ମୀର ବଂଶୀବାଦନ କରୁଥିଲେ। ଠିକ୍ ସେହିଭଳି ଭାବରେ ଆଜକୁ ମାସକାଳ ମଣିପୁର ଜଳୁଛି ୧୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି କିନ୍ତୁ ପ୍ରଧାନମନ୍ତ୍ରୀ ଏ ଘଟଣାର ଆଶୁ ସମାଧାନ ପାଇଁ କୌଣସି ଠୋସ ପଦକ୍ଷେପ ନନେବା ଚିନ୍ତାଜନକ। ଏପରିକି ସର୍ବଦଳୀୟ ବୈଠକ ନଡାକିବା, ରାଜନୈତିକ ଦଳର ନେତୃବୃନ୍ଦମାନଙ୍କୁ ମଣିପୁର ଯିବାକୁ ନଦେବା ସ୍ପଷ୍ଟ ଭାବରେ ସୂଚାଉଛି ପ୍ରଧାନମନ୍ତ୍ରୀ ଓ ତାଙ୍କ ଦଳର ଗଣତନ୍ତ୍ର ପ୍ରୀତି ଓ ଅଙ୍ଗୀକାର ବଦ୍ଧତା। ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ଅଛନ୍ତି କିନ୍ତୁ ଆମେରିକାରେ ଥିବା ସାଂସଦମାନେ ପୂର୍ବତନ ରାଷ୍ଟ୍ରପ୍ରତି ବାରକା ଓବମା ଭାରତବର୍ଷରେ ଚାଲିଥିବା ସଂଖ୍ୟାଲଘୁ ସମାଜ ଉପରେ ଆକ୍ରମଣ ଧର୍ମୀୟ ଭିର୍ତିରେ ସମାଜକୁ ବାଂଟିବା ଓ ବିଦ୍ୱେଷ ସୃଷ୍ଟି କରିବାକୁ ନେଇ ଚିଠି ଲେଖିଲେଣି। ଭାରତବର୍ଷର ବିବିଧିତା ଭିତରେ ଯେଉଁ ଐକ୍ୟତା ଓ ଭଲପାଇବା ଥିଲା ତାକୁ ଆଜି ଏ ସରକାର ନଷ୍ଟଭ୍ରଷ୍ଟ କରିଦେଲାଣି। ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି କହିଥିଲେ ଯେ ୨୦୨୨ ମସିହା ସୁଦ୍ଧା କୃଷକମାନଙ୍କୁ ଆୟ ଦ୍ୱିଗୁଣିତ ହୋଇଯିବା କଥା କିନ୍ତୁ ଭାରତବର୍ଷର କୃଷକମାନଙ୍କର ଆୟ ସର୍ବନିମ୍ନ ସ୍ତରକୁ ଚାଲିଗଲାଣି। ଏପରିକି ବିଗତ ୧୨ ବର୍ଷ ଭିତରେ ଓଡ଼ିଶାର କୃଷକଙ୍କର ଆୟ ଏକଟଙ୍କା ମଧ୍ୟ ବୃଦ୍ଧି ଘଟିନାହିଁ। ଜଣେ କୃଷକକର ଦୈନିକ ଆୟ ଏ ରାଜ୍ୟରେ ମାତ୍ର ୨୭ ଟଙ୍କା। ମୁଦ୍ରାସ୍ପିତି ରୋକିବାତ ଦୁରେ ଥାଉ ଅର୍ଥନୀତିକୁ ଏ ସରକାର ରସାତଳଗାମୀ କରିଦେଇ ସାରିଛନ୍ତି। ପ୍ରତିବର୍ଷ ୨ କୋଟି ଚାକିରୀ ଦେବାପାଇଁ ଅତି ଜୋର ଜୋରରେ ଭାରତବର୍ଷର ଯୁବକ ଯୁବତୀମାନଙ୍କୁ ପ୍ରତିଶୃତି ଖୋଦ ପ୍ରଧାନମନ୍ତ୍ରୀ ଦେଇଥିଲେ। ସେହି ହିସାବକୁ ନେଲେ ପାଖାପାଖି ୧୯ କୋଟି ଯୁବକ ଯୁବତୀ ରୋଜଗାର ପାଇବା କଥାଏବଂ ଓଡ଼ିଶାରେ ୨୦ ଲକ୍ଷ ଯୁବକ ଯୁବତୀ ପାଇବା କଥା କିନ୍ତୁ ଫଳ ଓଲଟା। ବେରୋଜଗାରୀ ସ୍ତର ୪୫ ବର୍ଷର ରେକର୍ଡକୁ ଅତିକ୍ରାନ୍ତ କରିସାରିଛି। ରେଲୱେ ବିଭାଗର ୩ଲକ୍ଷ ୧୨ ହଜାର ପଦବୀ ବର୍ଷ ବର୍ଷ ଧରି ଫାଙ୍କା ପଡ଼ିଛି ପୂରଣ ହେଉନାହିଁ। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ଉଦ୍ୟୋଗରେ ୨୦୧୪ ମସିହାରେ ଯେତେସଂଖ୍ୟକ କର୍ମଚାରୀ ଥିଲେ ୨୦୨୩ ମସିହା ବେଳକୁ ୨ଲକ୍ଷ ୭୫ ହଜାର ନିଯୁକ୍ତି କମିଗଲାଣି। ବିଶେଷ କରି ବିଏସ୍‌ଏନଏଲ, ଏମଟିଏନଏଲ, ଷ୍ଟିର ଅଥରଟି ଅଫ ଇଣ୍ଡିଆରେ ଏ ପରିସ୍ଥିତି ଅତ୍ୟନ୍ତ ଉତ୍କଟ। କେନ୍ଦ୍ର ବିଜେପି ସରକାର ସ୍ଥାୟୀ ନିଯୁକ୍ତି ଦେବା ପରିବର୍ତେ ଠିକ କର୍ମଚାରୀ ନିଯୁକ୍ତିର ପରିମାଣ ବୃଦ୍ଧି ଘଟାଇଛନ୍ତି। ଏହା ତାଙ୍କର ଶିକ୍ଷିତ ଯୁବକ ଯୁବତୀଙ୍କ ପ୍ରତି କ୍ରୁର ଉପହାସ କି ନୁହେଁ? ବିଦେଶରୁ କଳାଧନ ଫେରାଇ ଆଣିବା କଳାଧନର ପରିସମାପ୍ତି କରିବାପାଇଁ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଜ୍ଞା କରିଥିଲେ। କିନ୍ତୁ ସୁଇସ୍‌ବ୍ୟାଙ୍କର ତଥ୍ୟ ଅନୁସାରେ ୨୦୧୪ ମସିହା ସୁଦ୍ଧା ଯେତିକି ଟଙ୍କା ତାଙ୍କପାଖରେ ଗଚ୍ଛିତଥିଲା ୨୦୨୩ ମସିହା ମେ ମାସ ବେଳକୁ ଗଚ୍ଛିତ ରାଶିର ପରିମାଣ ୪ ଗୁଣାକୁ ବୃଦ୍ଧି ପାଇଛି। ଏହା କ'ଣ ସୂଚାଉଛି କଳାଧନ କିପରି ବୃଦ୍ଧି ଘଟୁଛି? ୨୦୧୪ ମସିହାର ଆଜିପର୍ଯ୍ୟନ୍ତ ଅନାଦେୟ ଋଣ ପରିମାଣ ୧୦.୯୭ ଲକ୍ଷ କୋଟି ଟଙ୍କା ପହଂଚିଲାଣି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ୨୦୧୮ ରୁ ୨୩ ଭିତରେ ୫ଲକ୍ଷ ୯୨ ହଜାର କୋଟି ଟଙ୍କା ଅନାଦେୟ ଋଣ ପରିମାଣ ବୃଦ୍ଧି ଘଟିଛି। ଏପରିକି ଉଇଲଫୁଲ ଡିଫଲଟର ମାନଙ୍କୁ ପୁଣି ବ୍ୟାଙ୍କରୁ ଋଣ ନେଇ ଠକିବା ପାଇଁ ଆରବିଆଇ ଉପରେ ଚାପ ପକାଇ ସଂଶୋଧିତ ନିୟମ କାହିଁକି କରାଯାଇଛି ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।



ଓଡ଼ିଶା ମିଲେଟ ମିଶନ୍ ତାରିଖରେ ଓଡ଼ିଶାର ବୌଦ୍ଧଠାରେ ଏକ ଫାର୍ମ ମେସିନାରୀ ମେଳାର ସଫଳ ଆୟୋଜନ କରିଛି। WASSAN, ମିଶନଶକ୍ତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ମିଳିତ ଭାଗିଦାରୀରେ ଓଡ଼ିଶା ମିଲେଟ୍ ମିଶନ ମିଲେଟ ଗ୍ରାଇଣ୍ଡର-ପଲଭାଇଜର ଏବଂ ଥ୍ରେସିଂ ମେସିନ୍ ଆଦି ବଣ୍ଟନ କରିଛି। ଏହି ବଣ୍ଟନ ମିଲେଟ ବ୍ୟବହାରକୁ ବୃଦ୍ଧି କରିବ ତଥା ବିକେନ୍ଦ୍ରୀକରଣ ପ୍ରକ୍ରିୟାକରଣ ୟୁନିଟ୍ ଗଠ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

# ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି ବିରୋଧି ଦଳ : ଡା. ରାଉତ

ଭୁବନେଶ୍ୱର, (ପି.ଏନ): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଏବଂ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ସମେତ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଆସନ୍ତା ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ସେମାନଙ୍କ ଦଳର ଆଭିମୁଖ୍ୟ କ'ଣ ରହିବ ସେ ସମ୍ପର୍କରେ କୌଣସି ସୂଚନା ନ ଦେଇ କେବଳ ମୁଖ୍ୟମନ୍ତ୍ରୀଙ୍କ ଘରୋଇ ସଚିବ ତଥା ୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକୁ ଏକ ରାଜନୈତିକ ପ୍ରସଙ୍ଗ କରୁଛନ୍ତି। ମାତ୍ର ବିରୋଧି ଦଳ ଭାବେ ଗଠନମୂଳକ ସମାଲୋଚନା ଜରିଆରେ ରାଜ୍ୟ ସରକାର ନେଇଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତ୍ରୁଟି ବିଚ୍ୟୁତି ସଂପର୍କରେ ଦୃଷ୍ଟିପାତ କରୁନାହାନ୍ତି। ଗୋଟିଏ ପକ୍ଷେ କହୁଛନ୍ତି ନବୀନ ପଟ୍ଟନାୟକ ୨୫ ବର୍ଷ ହେଲାଣି ରାଜ୍ୟ ଶାସନ କରୁଛନ୍ତି। ଅପର ପକ୍ଷରେ ପ୍ରଶ୍ନ କରୁଛନ୍ତି ରାଜ୍ୟରେ ଶାସନ କରୁଛନ୍ତି କିଏ? ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ବିକାଶ ପ୍ରକ୍ରିୟା ସାଧିତ ହେବା ସଙ୍ଗେସଙ୍ଗେ ରାଜ୍ୟ ଆର୍ଥିକ କ୍ଷେତ୍ରରେ ପଛୁଆ ନ ରହି ଏବେ ବଳକା ରାଜ୍ୟରେ ପରିଣତ ହୋଇଛି। ବିଭିନ୍ନ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ବିପୁଳ ପାଣ୍ଠି ଯୋଗାଇ ଦେଉଛନ୍ତି। ମାତ୍ର ଅନେକ କ୍ଷେତ୍ରରେ ଅର୍ଥଲୋଭି ଅମଲା ଏବଂ ଅଧିକାରୀଙ୍କ ମନମାନି ଏବଂ ଜନ ସଚେତନତାର ଅଭାବ ଜନକଲ୍ୟାଣ ପାଇଁ ଦିଆଯାଇଥିବା ପାଣ୍ଠିର ଦୁରୁପଯୋଗ ହେଉଛି। ତଳିଆ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପଦସ୍ଥ କର୍ମଚାରୀଙ୍କ ବିପୁଳ ପରିମାଣର ଆୟ ବର୍ହିଭୂତ ସମ୍ପତ୍ତି ପ୍ରତିଦିନ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଉଛି। ଉଦାହରଣ ସ୍ୱରୂପ ଜଣେ ମହିଳା ସମାଜ ମଙ୍ଗଳ ଅଧିକାରୀଙ୍କର ବିପୁଳ ଆୟ ବର୍ହିଭୁତ ସମ୍ପତ୍ତି ଏବଂ ନବରଙ୍ଗପୁର ଜିଲ୍ଲାର ଜଣେ ସବ୍ କଲେକ୍ଟର ଏବଂ ନୟାଗଡ଼ ଜିଲ୍ଲାର ଅବସରପ୍ରାପ୍ତ ଯୋଗାଣ ଅଧିକାରୀଙ୍କ ଆୟ ବର୍ହିଭୂତ ସମ୍ପତ୍ତି ୩ କୋଟି ନଗଦ ଟଙ୍କା ଏବଂ ୭ କୋଟି ନଗଦ ଟଙ୍କାର ହିସାବ ଭିଜିଲାନ୍ସ ବିଭାଗ ପାଇଛି। ପୁନଶ୍ଚ ମାଲକାନଗିରି ଜିଲ୍ଲାର ଜଣେ ସହକାରୀ ଯନ୍ତ୍ରୀଙ୍କ ଘରୁ ମଧ୍ୟ ୪ କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଭିଜିଲାନ୍ସ ଜବତ କଲାପରେ ପ୍ରଶାସନ ଜନ ସାଧାରଣଙ୍କୁ କିଭଳି ସେବା ଯୋଗାଉଛି ଏବଂ ମୁଖ୍ୟମନ୍ତ୍ରୀଙ୍କର ପ୍ରୟାସ କିଭଳି କାର୍ଯ୍ୟକାରୀ ହେଉଛି ତାହା ସହଜେ ଅନୁମେୟ। ଏଥିପ୍ରତି ବିରୋଧି ଦଳମାନେ ନିରବଦ୍ରଷ୍ଟା ରହିଥିଲା ବେଳେ କେବଳ ଜଣେ ସରକାରୀ କର୍ମଚାରୀଙ୍କର ଗସ୍ତକୁ ନେଇ ବିଚଳିତ ହେବା ସଙ୍ଗେ ସଙ୍ଗେ ଜନମତକୁ ବିଭ୍ରାନ୍ତି କରିବା ପାଇଁ ଉଦ୍ୟମ କରୁଛନ୍ତି। ତେବେ ୫-ଟି' ସଚିବ ବିଭିନ୍ନ ଅଞ୍ଚଳ ଗସ୍ତକରି ସେହି ଅଞ୍ଚଳରେ କେଉଁ କେଉଁ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ କେତେ ଅର୍ଥ ମଂଜୁର କରିଛନ୍ତି ସେ ସମ୍ପର୍କରେ ସୂଚନା ଦେଇ ଜନ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ଅମଲା ଓ ଅଧିକାରୀଙ୍କୁ ସତର୍କ କରାଇବାରେ ଅସମତି କ'ଣ ରହୁଛି। ବିଭାଗୀୟ ମନ୍ତ୍ରୀ ଏବଂ ବିଧାୟକମାନେ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ଉଦାସୀନ ରହିବା ଫଳରେ ସାଧାରଣ ସ୍ୱାର୍ଥ ବ୍ୟାହତ ହେଉଥିଲା ବେଳେ ସେଥିପ୍ରତି ଦାୟିତ୍ୱବାନ ବିରୋଧି ଦଳ ନିଜର କର୍ତ୍ତବ୍ୟ ସମ୍ପାଦନ କରୁନାହାନ୍ତି। କେବଳ କୁତ୍ସାପ୍ରଚାର ରାଜନୀତିରେ ନିଜକୁ ସୀମିତ ରଖିବା କେବେ ଶୁଭଙ୍କର ହୋଇ ନ ପାରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ସଫଳ ମୁଖ୍ୟମନ୍ତ୍ରୀ ଭାବେ ଜାତୀୟ ସ୍ତରରେ ଏବଂ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତ ହୋଇଥିଲା ବେଳେ ରାଜ୍ୟ ଶାସନ କିଏ ଚଳାଉଛି ପ୍ରଶ୍ନ କରି ବିରୋଧି ଦଳର ନେତାମାନେ ନିଜ ନିଜର ସଂକୀର୍ଣ୍ଣ ରାଜନୈତିକ ମନୋଭାବକୁ କେବଳ ପ୍ରତିପାଦିତ କରୁଛନ୍ତି। ରାଜ୍ୟର ଜନ ସାଧାରଣ ଏହାର ସମୁଚିତ ଜବାବ ଆଗାମୀ ନିର୍ବାଚନରେ ନିଶ୍ଚୟ ଦେବେ ଏଥିରେ ସେନ୍ଦହ ନାହିଁ।

## ପଣସପୁଟ ଠାରେ ଲ୍ୟାମ୍ପ ତରଫରୁ ଋଣ ଆଦାୟ ମେଳା ଅନୁଷ୍ଠିତ

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ଲ୍ୟାମ୍ପ ତରଫରୁ ସ୍ୱାଭିମାନ ଅଂଚଳର ପଣସପୁଟ ଠାରେ ଏକ ଋଣ ଆଦାୟ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଣସପୁଟ ଗ୍ରାମପଂଚାୟତର ସରପଂଚ ଅର୍ଜୁନ ହନ୍ତାଳ ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ଲ୍ୟାମ୍ପ ଡାଇରେକ୍ଟର ଭଗବାନ ସାହୁ, ହରି ମାଢୀ, ଲ୍ୟାମ୍ପ ସମିତି କର୍ମଚାରୀ ଅଶୋକ କୁମାର ସାହୁ ଓ ସାଧୁରାମ ଖିଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଋଣ ଆଦାୟ ମେଳାରେ ପଣସପୁଟ ଓ ଏହାର ଆଖପାଖ ଅଂଚଳର ପାଖାପାଖି ୧୦୦ ଚାଷୀ ଉପସ୍ଥିତ ଥିଲେ। ଲ୍ୟାମ୍ପ ପରିଚାଳକ ଶ୍ରୀ ରାଉତ କହିଛନ୍ତି ଯେ, ଆଗାମୀ ଦିନରେ ପଣସପୁଟ ଅଂଚଳକୁ ଏକ ନୂତନ ଲ୍ୟାମ୍ପର ମାନ୍ୟତା ମିଳିବ ଓ ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଜାଗା ଚିହ୍ନଟ ସମ୍ବନ୍ଧରେ ଚିତ୍ରକୋଣ୍ଡା ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ଓ ଏହା କାର୍ଯ୍ୟକାରୀ ହେଲେ ସ୍ୱାଭିମାନ ଅଂଚଳ ବାସୀଙ୍କ ଦିର୍ଘଦିନର ସ୍ୱପ୍ନ ସାକାର ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରରେ ଚାଷୀମାନଙ୍କ ଋଣ ପ୍ରଦାନରେ କୌଣସି ସୁଧ ନିଆଯାଉ ନଥିବାରୁ ଏହା ପରିଶୋଧ କରିବା ପାଇଁ ବହୁ ଚାଷୀ ଆଗ୍ରହ ପ୍ରକାଶ କରିଥିଲେ। ଆଜିର ଏହି ମେଳାରେ ୩୦ ରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କର ଋଣ ବାବଦକୁ ପାଖାପାଖି ୭ ଲକ୍ଷ ଟଙ୍କା ଚାଷଋଣ ପରିଶୋଧ କରିଥିବା ଜଣାପଡିଛି।

## ଭକ୍ତି ଓ ଆଧ୍ୟାତ୍ମିକ ଭରା ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରି' ର ଦ୍ୱିତୀୟ ସଂଧ୍ୟାରେ ଦର୍ଶକ ବିଭୋର

ଭୁବନେଶ୍ୱର ,(ପି.ଏନ): ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଆଜି ଥିଲା ଦ୍ୱିତୀୟ ସଂଧ୍ୟା। ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତି ଓ ସଭ୍ୟତାର ଦ୍ୱୈତ ମିଳନ ବିନ୍ଦୁରେ ଶ୍ରୀ ଜଗନ୍ନାଥ। ବ୍ରାହ୍ମଣ୍ୟ ଧର୍ମ ଓ ଶାବର ସଂସ୍କୃତି ଏଠି ଏକାକାର। ପରମ ପାବନ ଧାମ ଶ୍ରୀକ୍ଷେତ୍ର, ଯାହା ଶଙ୍ଖକ୍ଷେତ୍ର, ନୀଳାଚଳ, ନୀଳାଦ୍ରି ଓ ପୁରୁଷୋତମ କ୍ଷେତ୍ର ଭାବରେ ବିଶ୍ୱ ବିଦିତ। କୋଟି କୋଟି ବିଶ୍ୱର ଆରାଧ୍ୟ ଓ ଆରାଧନାର ସିଦ୍ଧି ଓ ସାଧନାର ଅମୋଘ ମନ୍ତ୍ର ମହୌଷଧି, ଅଣିମାଦି ଅଷ୍ଟଦାୟୀ, କର୍ମ, ଜ୍ଞାନ, ତନ୍ତ୍ର, ପ୍ରେମର ସିଦ୍ଧିକ୍ଷେତ୍ର କୈବଲ୍ୟ ପ୍ରାପ୍ତିର ମହାମହିମ ରହସ୍ୟମୟ ତପୋଭୂମି ନୀଳାଚଳ। ଆକୁମାରୀ ହିମାଚଳ ବ୍ୟାପି ଯାହାର ପ୍ରଶସ୍ତି ସମୀରଣରେ ଉଦ୍‌ଘୋଷିତ। ସେହି ମହାପ୍ରଭୁଙ୍କର ହେରାପଞ୍ଚମୀ ଅବସରରେ କଣ୍ଠଶିଳ୍ପୀମାନଙ୍କର ଭକ୍ତି ସଙ୍ଗୀତ ପ୍ରବିବେଷଣ ଏହି ଉତ୍ସବକୁ ଦ୍ୱିଗୁଣିତ କରିଛି। ଦ୍ୱିତୀୟ ସଂଧ୍ୟାର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପରିବେଶିତ ହୋଇଥିବା ଭକ୍ତି ସଙ୍ଗୀତଗୁଡ଼ିକ ଥିଲା ଶୈଳଭାମା ମହାପାତ୍ରଙ୍କ ଦ୍ୱାରା ଶ୍ୟାମ ପ୍ରିତିରେ ସଖୀ ମୁଁ ସରିଗଲି, ଚାଲ ଦେଖିବା ସଜନୀ ଓ ପହଣ୍ଡି ବିଜୟ..., ସିଦ୍ଧାର୍ଥ ମିଶ୍ରଙ୍କ ଦ୍ୱାରା ପାହିଲାକି ନିଶି ଓ ଦୀନବାନ୍ଧବ ହୋଇ ଦିନେ ଦୟା ନୋହିଲା..., ସୁନିତା ବିଶ୍ୱାଳଙ୍କ ଦ୍ୱାରା ମଣିମା ହେ ଏତିକି ମାଗୁଣି ମୋର ଓ ଗାଇବି ଏଭଳି ଗୀତ ହେ ଠାକୁର..., ଅଭିଷେକ ପଣ୍ଡାଙ୍କ ଦ୍ୱାରା ଦିନବନ୍ଧୁ ଏହି ଅଳି ଶ୍ରୀଛାମୁରେ ଓ ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ..., ସ୍ୱାଗତିକା ପାତ୍ରଙ୍କ ଦ୍ୱାରା ମୋ ପ୍ରଭୁ ଜଗନ୍ନାଥ ଓ ମେଘ ମାଳକୁ..., ଏସ୍ ଚକ୍ରଙ୍କ ଦ୍ୱାରା ମୁଁ ବିଦଗ୍ଧ ମାଟି ଦୀପ ଦୁଃଖ ଶୁଣ ହେ କଳା ମୁଖ ଓ ଏକା ତୋ ଭକତ ଜୀବନ..., ସଙ୍ଗୀତାଳୀ ନନ୍ଦଙ୍କ ଦ୍ୱାରା ଆହେ ଦିନ ବାନ୍ଧବ ଆପଣାର କରିନିଅ ଓ ମହାବାହୁ କାହାକୁ କହିବି ଦୁଃଖ..., ବନ୍ଦୀଶ ପାଲିତଙ୍କ ଦ୍ୱାରା ଏକା ତୋ ଭକତ ଜୀବନ ଓ ଛାଡ଼ ମାଡ଼ଖିଆ ବୁଦ୍ଧି ହେ..., ଦିବ୍ୟଜ୍ୟୋତି ଜେଠୀଙ୍କ ଦ୍ୱାରା ଚନ୍ଦନ ଚର୍ଚିତ ନୀଳ କଳେବର ଓ ଆସିଥିଲି କାଳିଆ ତୋ ଦରଶନ ପାଇଁ ରେ... ଏବଂ ଶେଷରେ ପୁଣ୍ୟବ୍ରତ ରଥଙ୍କ ଦ୍ୱାରା କଳା ଶ୍ରୀମୁଖ ହେ ନଗଲା ମୋର ଦୁଃଖ ଓ ନାଉରିଆରେ ନାଉରିଆ ତୁ ସଅଳ ଚଲା ଡଙ୍ଗା... ଆଦି ପରିବେଶିତ ହୋଇଥିଲା ଯାହା ଦର୍ଶକଙ୍କୁ ଭାବ ବିଭୋର କରିଥିଲା। ସେମାନଙ୍କୁ ତବଲାରେ ଗୋବିନ୍ଦ ବେହେରା, ଢୋଲକରେ ପ୍ରମୋଦ କୁମାର ନନ୍ଦ, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା, ଅକ୍‌ଟୋପ୍ୟାଡ଼ରେ ଅନିରୁଦ୍ଧ ଧଳ, କିବୋର୍ଡ଼ରେ ମନୋଜ କୁମାର ଦଉ ଏବଂ ହାରମୋନିୟମରେ ଅଜୟ ଦାଶ ସହଯୋଗ କରିଥିଲେ। ଦ୍ୱିତୀୟ ସଂଧ୍ୟାର ଅତିଥିମାନେ ଥିଲେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ନୃତ୍ୟ ବିଭାଗର ମୁଖ୍ୟ ସିକତା ଦାସ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ଼ଃ. ମୃତ୍ୟୁୟ ରଥ।



## ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ ବଲାଙ୍ଗିର ଟାଟା ପାୱାର ଅଫିସ ଘେରାଉ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସହରରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ ବଲାଙ୍ଗିର ଏକ୍ସନ କମିଟି ପକ୍ଷରୁ ଆଜି ବଲାଙ୍ଗିର ଟାଟା ପାୱାର ଅଫିସ ସମ୍ମୁଖରେ ଧାରଣା ଦିଆଯିବା ସହ ଦିନ ୧୦ ଟାରୁ ୧୨ ପର୍ଯ୍ୟନ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଥିଲା। ବିଦ୍ୟୁତ ବିଭାଗ ଯେଉଁଦିନ ଠାରୁ ବିଦ୍ୟୁତ ସରବରାହ ସଂସ୍ଥା ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କଲା ସେହି ଦିନ ଠାରୁ ବଲାଙ୍ଗିର ସହରରେ ଏହି ଘରୋଇ କଂପାନୀ ନିଜର ମନମାନୀ ଚାଳାଇ ଆସିଛି। ସରକାର ଏଣିକି ବିଦ୍ୟୁତ କାଟ୍ ହେବନି ବୋଲି ଘୋଷଣା କରିଥିଲେ ମଧ୍ୟ ଟାଟା ପାୱାର ଅଧୀନରେ ବିଦ୍ୟୁତ କାଟ୍ ଏକ ନିତିଦିନିଆ ସମସ୍ୟା ପଲଟିଛି ବୋଲି ବଲାଙ୍ଗୀର କମଟି ପକ୍ଷରୁ ଅଭିଯୋଗ ହୋଇଛି। ବଲାଙ୍ଗୀର ଏକ୍ସନ କମିଟିର ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜିର ଏହି ବିକ୍ଷୋଭ ସମାବେଶରେ ଅନ୍ୟ ମାନଙ୍କ ମଧ୍ୟରେ ବିନୋଦ କାଲସାଏ, ନାଗରିକ କମିଟିର ସଂପାଦକ ମନୋରଂଜନ ସାହୁ, ସଭ୍ୟ ଗୋପଭୂଷଣ ନାଥ, ଧୀରେନ୍ଦ୍ର ସିଂଦେଓ, ନୀଳମଣି ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘର ସଂପାଦକ ପ୍ରତାପ ରଥ, ବିଜେପି ନେତା ପୀତାମ୍ବର ଖମାରୀ, ମାହେଶ୍ୱରୀ ସଂଗଠନର ଅଙ୍କୁଶ ପାଣ୍ଡିଆ, ସୁଧାଂଶୁ ମିଶ୍ର, ଏଡଭୋକେଟ ଅଶୋକ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ବିଦ୍ୟୁଟ କାଟ୍କୁ ନେଇ ଟାଟା ପାୱାର କଂପାନୀ ବିରୋଧରେ ଆଗାମୀ ଦିନରେ ଏକ ବୃହତ୍ତର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି। ଶେଷରେ ବଲାଙ୍ଗୀର ଏକ୍ସନ କମିଟିର ମୁନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday June 25, 2023 ଭୁବନେଶ୍ୱର ରବିବାର, ଜୁନ ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଟାଇମ୍ସ ହାଇଅର ଏଜୁକେସନ୍ ଏସିଆ ୟୁନିଭରସିଟି ର୍ୟାଙ୍କିଂ ୨୦୨୩ : ଭାରତର ଶ୍ରେଷ୍ଠ ୧୩ତମ ବିଶ୍ୱବିଦ୍ୟାଳୟ କିଟ୍



ଭୁବନେଶ୍ୱର, (ପି.ଏନ): ଦି ଟାଇମ୍ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍ସିଟି ର୍ୟାଙ୍କିଂ ୨୦୨୩ରେ କିଟ୍ ବିଶ୍ୱବିଦ୍ୟାଳୟ ଯଥେଷ୍ଟ ଉତ୍କୃଷ୍ଟ ପ୍ରଦର୍ଶନ କରିପାରିଛି। 'ଦି ଟାଇମ୍ସ ହାଇଅର ଏଜୁକେସନ୍' ପକ୍ଷରୁ ଗୁରୁବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ର୍ୟାଙ୍କିଂରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୧୩ତମ ସ୍ଥାନରେ ରହିଥିବା ବେଳେ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ୧୪୭ ତମ ସ୍ଥାନରେ ରହିଛି। କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଆଇଆଇଏସ୍, ଆଇଆଇଟି ଓ ଆଇଆଇଆଇଟି ଭଳି ଦେଶର ଖ୍ୟାତି ସମ୍ପନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇ ପାରିଛି। ପୂର୍ବବର୍ଷ କିଟ୍ ଏସିଆ ର୍ୟାଙ୍କିଂର ୨୦୧+ ସ୍ଥାନରେ ରହିଥିଲା। ଟାଇମ୍ସ ହାଇଅର ଏଜୁକେସନ୍ ପକ୍ଷରୁ ଶିକ୍ଷାଦାନ, ଗବେଷଣା, ଜ୍ଞାନର ଆଦାନ ପ୍ରଦାନ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍ୟାଙ୍କିଂ କରାଯାଇଛି।କିଟ୍ ବିଶ୍ୱବିଦ୍ୟାଳୟରେ ବ୍ୟାପକ କାର୍ଯ୍ୟକ୍ରମ ସହ ୨ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପାଠ୍ୟକ୍ରମ ରହିଥିବା ବେଳେ ଏହାକୁ ବିଚାରକୁ ନେଲେ ଦେଶର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିଛି। ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ସୂଚନାଯୋଗ୍ୟ, କିଟ୍ ୨୫ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୧୯ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୧୩ତମ ଓ ଏସଆରେ ୧୪୭ତମ ସ୍ଥାନରେ ରହି ରାଜ୍ୟ ଓ ଦେଶରର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି।

## ଜନଶୁଣାଣୀ ଶିବିର ଅନୁଷ୍ଠିତ

ତାଳଚେର,(ପି.ଏନ): ଆଜି ପୂର୍ବାହ୍ନରେ ତାଳଚେର ପୌର ପରିଷଦ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀଙ୍କ ପାଇଁ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିବାବେଳେ କନିଷ୍ଠ ଯନ୍ତ୍ରୀ ପ୍ରଣତି ନନ୍ଦ ଓ ୧୦ ନମ୍ବର ୱାର୍ଡ କାଉନସିଲର ଅଜିତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ସୁବିଧା ପ୍ରଦାନକାରୀ ସଂସ୍ଥା ଲାଇଫ ଏକାଡେମୀ ଅଫ ଭକେଶନାଲ ଷ୍ଟଡିଜ ର ମୁଖ୍ୟ ବଂଶୀଧର ଷଡ଼ଙ୍ଗୀ ଉପସ୍ଥିତ ରହି ହିତାଧିକାରୀ, ପରିଷଦର କର୍ମଚାରୀ ଓ ବିଭିନ୍ନ ୱାର୍ଡରୁ ଆସିଥିବା ବାସିନ୍ଦାଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିବାବେଳେ ସନ୍ଦୀପ ରାଓ ଶିବିରକୁ ପରିଚାଳନା କରିଥିଲେ।

## ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳ ଜରିଆରେ ଦାବିପତ୍ର ପ୍ରଦାନ

ବଲାଙ୍ଗିର, (ପି.ଏନ): ଜିଲ୍ଲାପାଳ ବଲାଙ୍ଗିର କାର୍ଯ୍ୟାଳୟକୁ ବଲାଙ୍ଗିର ଜିଲ୍ଲାର ୧୦ ଗୋଟି ବ୍ଲକରୁ ଆସିଥିବା ଶତାଧିକ ପୁରୁଷ ମହିଳା ବିକ୍ଷୋକାରୀମାନେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆସିଥିଲେ ଲୋକ ଉନ୍ନତି ସଂଗଠନ ନେତୃତ୍ୱରେ। ସେମାନେ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାରେ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବା ପାଇଁ ଜଳଉତ୍ସର ମରାମତି ସହିତ ସବପିଟ ନିର୍ମାଣ। ଯୋଗ୍ୟ ପରିବାରକୁ ପ୍ରଧାନମନ୍ତ୍ରୀ କିମ୍ବା ବିଜୁ ପକ୍କାଘର ଦେବାକୁ, ବାଦ ପଡ଼ିଥିବା ଘରକୁ ବିଦ୍ୟୁତ୍ ସଂଯୋଗ ଦେବାକୁ, ଯୋଗ୍ୟ ପରିବାରକୁ ଘରଡିହ ଦେବାକୁ, ବୃଦ୍ଧ ବୃଦ୍ଧା ବିଧବା ଶାରୀରିକ ବିକଳାଙ୍ଗ ଭତା ଦିଆଯାଇ ଭତା ପରିମାଣ ୨୦୦୦ ଟଙ୍କାକୁ ବୃଦ୍ଧି କରିବାକୁ, ଯୋଗ୍ୟକୁ ଜଙ୍ଗଲ ଜମି ପଟ୍ଟା ଗ୍ରାମକୁ ସାମୁହିକ ଜଙ୍ଗଲ ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବା, ବାଦ ପଡ଼ିଥିବା ପରିବାରକୁ ରାସନ କାର୍ଡଯୋଗାଣପାଇଁ ନାମ ପଞ୍ଜିକରଣ, ବିଦ୍ୟାଳୟ ରେ ରୋଷେଇ ଶାଳ ପିଇବା ପାଣି ଖେଳ ପଡିଆ ଶୌଚାଳୟ ପାଚେରୀ ନିର୍ମାଣ ସହିତ ଶିକ୍ଷକ ନିଯୁକ୍ତି, ୧୫୦ ରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ପଡ଼ା ଗ୍ରାମରେ ମିନି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ଅଙ୍ଗନୱାଡି କେନ୍ଦ୍ର ଭିତିଭୂମି ଉନ୍ନତି ଯେପରି ପିଇବା ପାଣି ଗୃହ ପାଚେରୀ ନିର୍ମାଣ ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

## ଯୁଗଳ କିଶୋର ଷଡ଼ଙ୍ଗୀ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ସମ୍ମାନ

ଭୁବନେଶ୍ୱର,(ପି.ଏନ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ ଏବଂ ଯୁବ ପୁରସ୍କାର - ୨୦୨୩ ଘୋଷଣା କରାଯାଇଛି। ଓଡିଶାରୁ ଓଡ଼ିଆ ଭାଷାରେ ବାଲ ପୁରସ୍କାର ପାଇଁ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ନାମ ଘୋଷଣା କରାଯାଇଛି । କ୍ଷୁଦ୍ର ଗଳ୍ପ ବିଭାଗରେ 'ଜେଜେଙ୍କ ଗପ ଗଣ୍ଠିଲି' ପୁସ୍ତକ ପାଇଁ ଡ. ଷଡ଼ଙ୍ଗୀ ପାଇବେ ଏହି ସମ୍ମାନ । ମୋଟ ୨୨ ଟି ଭାଷାରେ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଚଳିତ ବର୍ଷ କଶ୍ମିରୀ ଭାଷା ପାଇଁ କୌଣସି ପୁରସ୍କାର ଘୋଷଣା କରାଯାଇନାହିଁ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଓଡ଼ିଶା ଟ୍ରେନ୍ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଦାବି ଫଇସଲା ପ୍ରକ୍ରିୟା କୋହଳ

ଭୁବନେଶ୍ୱର, (ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଓଡ଼ିଶା ଟ୍ରେନ୍ ଦୁର୍ଘଟଣାରେ ପ୍ରଭାବିତ ପରିବାର ପାଇଁ ଦାବି ଫଇସଲା ପ୍ରକ୍ରିୟାକୁ କୋହଳ କରାଯିବା ସହ ସେମାନଙ୍କ ସହିତ ଏକଜୁଟ ହୋଇ ଠିଆ ହୋଇଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ବରିଷ୍ଠ କାର୍ଯ୍ୟନିର୍ବାହୀ ଉପସଭାପତି-ଗ୍ରାହକ ସେବା ଓ ପରିଚାଳନା ଶ୍ରୀ ଅମିଶ ବାଙ୍କର କହିଛନ୍ତି ଯେ, ଓଡ଼ିଶାରେ ଘଟିଥିବା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜୀବନ ପ୍ରତି ଆମେ ଗଭୀର ସମବେଦନା ଜ୍ଞାପନ କରୁଛୁ। ସେଥିପାଇଁ ଆମେ ଦାବି ଫଇସା ପ୍ରକ୍ରିୟାର ସରଳୀକରଣ କରିଛୁ ଯେଉଁଥିରେ ନୋମିନିଙ୍କୁ କେବଳ ତିନିଟି ମୌଳିକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ। ଆମର ଉତ୍ସର୍ଗୀକୃତ ୨୪ ଘଂଟିଆ ହେଲ୍‌ପଲାଇନ୍ ଦାବି ସମ୍ପର୍କିତ ସବୁ ପ୍ରକାର ପ୍ରଶ୍ନର ପରିଚାଳନା କରିବାକୁ ସକ୍ଷମ। ନିଜର ପ୍ରଶ୍ନର ସ୍ପଷ୍ଟୀକରଣ ପାଇଁ ନୋମିନିମାନେ ଆମ ହେଲ୍‌ପଲାଇନ୍‌ରେ କଲ୍ କରିପାରିବେ।''ବ୍ୟାଙ୍କ ଖାତା ବିବରଣୀ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କଠାରୁ ମୃତ୍ୟୁ ସାର୍ଟିଫିକେଟ୍। ଯଦି ମୃତ୍ୟୁ ସାର୍ଟିଫିକେଟ୍ ଉପଲବ୍ଧ ନାହିଁ, ହସ୍ପିଟାଲ୍, ସରକାରୀ ଅଧିକାରୀ କିମ୍ବା ପୋଲିସ ତରଫରୁ ଜାରି କରାଯାଇଥିବା ମୃତ ଯାତ୍ରୀଙ୍କ ତାଲିକା। ନୋମିନିଙ୍କ ବୈଧ ଠିକଣା ପ୍ରମାଣପତ୍ରର ନକଲ। ଦାବି ସମ୍ପର୍କିତ ଅନୁସନ୍ଧାନରେ ସହାୟତା ପାଇଁ କଂପାନି ପକ୍ଷରୁ ଏକ ଉତ୍ସର୍ଗୀକୃତ ୨୪ ଘଂଟିଆ ହେଲ୍‌ପଲାଇନ୍ ନମ୍ବର (୧-୮୬୦-୨୬୬-୭୭୬୬) ସ୍ଥାପନ କରାଯାଇଛି।

## ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୀତି କରୁଛନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର, (ପି.ଏନ): ଓଡିଶା ସରକାର ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ତାଙ୍କୁ ଗିରଫ କରୁଥିବାବେଳେ ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ ଦୁର୍ନୀତି ବିରୁଦ୍ଧରେ ଓଡିଶା ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିକୁ ପ୍ରଶଂସା କରିବା ପରିବର୍ତ୍ତେ ଦୁର୍ନୀତି ବିରୁଦ୍ଧ ପଦକ୍ଷେପ ଉପରେ ରାଜନୀତି କରିବା ତାଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି।ଯଦି ସେ ତାଳଚେର ସ୍ଥିତ ଏମସିଏଲ ରେ ଘଟୁଥିବା ବେଆଇନ କାର୍ଯ୍ୟକୁ ଦେଖିବେ ତେବେ ଭଲ ହେବ ବୋଲି ଡକ୍ଟର ପାତ୍ର କହିଛନ୍ତି।

## ମହାପ୍ରଭୁଙ୍କ ନାଁରେ ମହା ଠକେଇ; ପୂଜା ପାଇଁ ଆଦାୟ କରାଯାଉଛି ଟଙ୍କା



ଭୁବନେଶ୍ୱର, (ପି.ଏନ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଁରେ ଚାଲିଛି ମହା ଠକେଇ। ମୋବାଇଲ୍ ଆପ୍ ଜରିଆରେ ମହାପ୍ରଭୁଙ୍କ ପାଖରେ ଅନଲାଇନ ପୂଜା କରିବା ପାଇଁ ମାସିକିଆ ଚାନ୍ଦା ଆଦାୟ କରୁଛି 'ଉତ୍ସବ' ନାମକ ଏକ ଅନଲାଇନ୍ ପ୍ଲାଟଫର୍ମ। ଅନ୍‌ଲାଇନରେ ବିଜ୍ଞାପନ ଦିଆଯାଇ ଭକ୍ତଙ୍କ ଭାବନା ସହ ଖେଳ ଖେଳାଯାଉଛି। କୋଲକତାରୁ ଏହି ଆପ୍ ପରିଚାଳିତ ହେଉଛି। 'ଉତ୍ସବ' ଆପ୍‌ରେ କୁହାଯାଇଛି, ଯେ କୌଣସି ସ୍ଥାନରେ ରହିଥିଲେ ମଧ୍ୟ ଭକ୍ତମାନେ ଅନଲାଇନ୍ ବୁକିଂ କରିପାରିବେ। ଭକ୍ତଙ୍କ ଘର ଠିକଣାରେ ଶ୍ରୀମନ୍ଦିରର ଶୁଖିଲା ଭୋଗ ଓ ନିର୍ମାଲ୍ୟ ପଠାଯିବର ଅଫର ଦିଆଯାଇଛି। ମହାପ୍ରଭୁଙ୍କ ମସ୍ତିଷ୍କରେ ଆଟିକା ବାନ୍ଧିବାକୁ ୧୧,୫୦୧ ଟଙ୍କା ପୈଠ କରିବା ଲାଗି କୁହାଯାଇଛି। ଶ୍ରୀବିଗ୍ରହଙ୍କୁ ମାସିକିଆ ପୂଜା ପାଇଁ ୮,୧୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି। ମହାପ୍ରଭୁଙ୍କୁ ଭୋଗ ଲଗେଇବା ପାଇଁ ପୃଥକ୍ ପୃଥକ୍ ରେଟ୍ ଚାର୍ଟ ରହିଛି। ମାସିକିଆ ଭୋଗ କଲେ ୮୦୦୦ ଟଙ୍କା, ରଥରେ ଭୋଗ ପାଇଁ ୪୫୦୦ ଟଙ୍କା ଦେଇ ବୁକିଂ କଲେଣି ୩,୭୦୦ ଭକ୍ତ।

## ମାଲକାନଗିରି ଜିଲ୍ଲାରେ ୨୧ ଟି ସଡକ ପ୍ରକଳ୍ପ ପାଇଁ ୧୫୮ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ



ମାଲକାନଗିରି, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରସ୍ତାବିତ ୨୧ ଟି ସଡକ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହା ଦ୍ୱାରା ୧୫୮ କୋଟି ଟଙ୍କା ବ୍ୟୟରେ ୧୭୨.୫୩ କିଲୋମିଟର ସଡ଼କ ପ୍ରକଳ୍ପ ନିର୍ମାଣ ହେବ। ଚିତ୍ରକୋଣ୍ଡା, କାଲିମେଳା, କୋରୁକୁଣ୍ଡା, ଏବଂ ପୋଡିଆର ଆଭ୍ୟନ୍ତରୀଣ ବ୍ଲକଗୁଡିକ ପାଇଁ ଗ୍ରାମୀଣ ଭିତ୍ତିଭୂମି ଏବଂ ସଂଯୋଗ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହି ପ୍ରକଳ୍ପଗୁଡିକ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା - ଦୁର୍ଗମ ଅଞ୍ଚଳର ଅପହଞ୍ଚ ଗ୍ରାମଗୁଡିକରେ ଯୋଗାଯୋଗ ଅଧୀନରେ କାର୍ଯ୍ୟକାରୀ ହେବ।ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା , ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଏକ ପଥପ୍ରଦର୍ଶକ ପଦକ୍ଷେପ, ମାଓବାଦୀ ପ୍ରଭାବିତ ତଥା ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ଗ୍ରାମୀଣ ସଂଯୋଗ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରୟାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚିହ୍ନିତ କରିଛି । ୫ଟି ସଚିବ ଭି କେ ପାଣ୍ଡିଆନଙ୍କ ମାଲକାନଗିରି ଜିଲ୍ଲା ଗସ୍ତ ସମୟରେ ଏହି ପ୍ରକଳ୍ପଗୁଡିକ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପଗୁଡିକର ଗୁରୁତ୍ୱ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ୫ଟି ସଚିବ ସୂଚନା ଦେଇଥିଲେ ଏବଂ ପ୍ରକଳ୍ପଗୁଡିକ ପାଇଁ ଆକଳନ ପ୍ରସ୍ତୁତ କରିବାକୁ ତୁରନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପର ସର୍ବ ?କ୍ଷଣ ଏବଂ ଆକଳନ କରି ସରକାରୀ ଅନୁମୋଦନ ପାଇଁ ଦାଖଲ କରିଥିଲେ ।ଚିତ୍ରକୋଣ୍ଡାର ମୁଦୁଲିଗୁଡା ଠାରୁ ଅମାଲିବେଡା ପର୍ଯ୍ୟନ୍ତ ୩୨ କିଲୋମିଟର ରାସ୍ତା ୩୦ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହେବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ପୋଲୁର ଠାରୁ କୁରସାନପାଲ୍ଲୀ ପର୍ଯ୍ୟନ୍ତ ୧୧.୬ କିଲୋମିଟର ରାସ୍ତା ୯ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ହେବ।

# ଦୀର୍ଘ ୨୩ ବର୍ଷର ଅବ୍ୟବସ୍ଥା ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ, (ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ଓଡ଼ିଶା 'ପୂର୍ବୋଦୟ' ମିଶନର ପ୍ରୟୋଗଶାଳା ହୋଇଛି । ବିଶ୍ୱର ଅଦ୍ୱିତୀୟ ଜନନେତାଙ୍କ ୯ ବର୍ଷ ଶାସନରେ ହୋଇଥିବା ସେବା ଓ ସମର୍ପଣର ବାର୍ତ୍ତାକୁ ଦଳୀୟ ସଂଗଠନର ମିଳିତ ଶକ୍ତି ମାଧ୍ୟମରେ ଅନୁଗୋଳ ସମେତ ଓଡ଼ିଶାର ଘରେ ଘରେ ପହଞ୍ଚାଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଦୀର୍ଘ ୨୩ ବର୍ଷର ଅବ୍ୟବସ୍ଥା ବିରୋଧରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ମୋଦି ସରକାରଙ୍କ ସୁଶାସନର ୯ ବର୍ଷ ପୂରଣ ହେବା ଅବସରରେ ରାଷ୍ଟ୍ରୀୟ ମହାଜନସମ୍ପର୍କ ଅଭିଯାନ ଅନ୍ତର୍ଗତ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର 'ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଭାରତ ବିଶ୍ୱର ନେତା ହେବା ପାଇଁ ଯାଉଛି । ଭାରତର ଶକ୍ତିଶାଳୀ ନେତୃତ୍ୱ ପାଇଁ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଆଦର ଓ ସମ୍ମାନ ଜଣାଯାଉଛି । ଏହି ସମ୍ମାନ ପ୍ରତି ଭାରତୀୟଙ୍କ ପ୍ରତି ସମ୍ମାନ । ତାଙ୍କ ନେତୃତ୍ୱରେ ହୋଇଥିବା ଗରିବ କଲ୍ୟାଣ ଯୋଜନାର ଲାଭ ଓଡ଼ିଶା ଓ ଅନୁଗୋଳ ହୋଇଛି । ଅନୁଗୋଳରେ ମୋଦିଜୀ ୯ ବର୍ଷରେ ଗରିବ କଲ୍ୟାଣ ଯୋଜନାରେ ଚାଉଳ, ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅନୁଗୋଳ ଜିଲ୍ଲାର ୩ ଲକ୍ଷ ୯ ହଜାର ୩୭୮ ଟି ପରିବାରକୁ ସର୍ବମୋଟ ୮ ହଜାର ୭୨୦ କୋଟି ଟଙ୍କା ଦେଇଛନ୍ତି । ପରିବାର ପିଛା ପ୍ରାୟ ୨ ଲକ୍ଷ ୮୧ ହଜାର ୮୫୬ ଟଙ୍କା ମିଳିଛି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅନୁଗୋଳ ଜିଲ୍ଲାର ୯ ଲକ୍ଷ ୬୦ ହଜାର ହିତାଧିକାରୀଙ୍କୁ ଜଣଙ୍କ ପିଛା ମାସିକ ୫ କେଜି ଚାଉଳ ହିସାବରେ ୨୦୭୩.୬ କୋଟି ଟଙ୍କା ଦେଇଛନ୍ତି । ଆବାସ ଗ୍ରାମୀଣ ଯୋଜନାରେ ୭୨୯ କୋଟି ଟଙ୍କାର ୬୦ ହଜାର ୭୩୪ ଘର ଦିଆଯାଇଛି । ଆବାସ ସହର ଯୋଜନାରେ ୧୭୮ କୋଟି ଟଙ୍କାର ୫ ହଜାର ୬୭୦ ଘର ଦିଆଯାଇଛି । ୨୫.୮୨ କୋଟି ଟଙ୍କା ମୂଲ୍ୟର ୧ ଲକ୍ଷ ୬୧ ହଜାର ୪୩୬ ହିତାଧିକାରୀଙ୍କୁ ଉଜ୍ଜଳା ଗ୍ୟାସ ବିତରଣ କରାଯାଇଛି । ମୋଦି ସରକାରରେ ଗଠିତ ଡିଏମଏଫ ପାଣ୍ଠିରେ ଅନୁଗୋଳରେ ବିଦ୍ୟାଳୟ ନିର୍ମାଣ କରାଯାଇଛି । ଘର ଘରକୁ ପାନୀୟ ଜଳ ଯୋଗାଇବା ପାଇଁ ଅର୍ଥ ଦେଇଛନ୍ତି । ୧୭,୦୦୦ କୋଟି ଟଙ୍କା ବିନିଯୋଗରେ ତାଳଚେର ସାର କାରଖାନାର ପୁନରୁଦ୍ଧାର କାମ ହୋଇଛି । ଆଜି ତାଳଚେର-ଅନୁଗୋଳର ନୂଆ ଲୁପ୍ ଲାଇନ, ଅନୁଗୋଳ-ସୁକିନ୍ଦା ରେଳ ଲାଇନ, ତାଳଚେର-ନିର୍ଗୁଣ୍ଡି ର ଇଲେକ୍ଟ୍ରିଫିକେସନ ସହ ରାସ୍ତା ଘାଟର ଉନ୍ନତି ଭଳି କାମ ଆଜି ଅନୁଗୋଳ ଜିଲ୍ଲାରେ ହେଉଛି ।ମୋଦି ସରକାର କୋଟି କୋଟି ଟଙ୍କାର ଦାୟିତ୍ୱ ନେବା ପରେ ମଧ୍ୟ ଓଡ଼ିଶାରେ ଦୀର୍ଘ ୨୩ ବର୍ଷର ସ୍ଥାଣୁ, ଅପାରଗ, ଦୁର୍ନୀତିଗ୍ରସ୍ତ ସରକାର ପାଇଁ ଗରିବ କଲ୍ୟାଣ ଯୋଜନା ଠିକ୍ ଭାବରେ କ୍ରିୟାନ୍ୱୟନ ହେଉନାହିଁ । ଗରିବ ଓ ପଛୁଆ ବର୍ଗର ଲୋକଙ୍କ ପାରଶ୍ରମିକ ଟଙ୍କାକୁ ହରିଲୁଟ କରାଯାଉଛି । ଓଡ଼ିଶାର କୋଇଲାରେ ଭାରତ ଆଲୋକିତ ହେଉଥିବା ବେଳେ ଓଡ଼ିଶାରେ ଅଘୋଷିତ ବିଦ୍ୟୁତ କାଟ ହେଉଛି । ଜାଣିଶୁଣି ତାଳଚେରରେ ନିର୍ମିତ ମେଡିକାଲ କଲେଜ ପରିଚାଳନାର ଦାୟିତ୍ୱ ରାଜ୍ୟ ସରକାର ନେଉନାହାନ୍ତି । ଏହା ବିରୋଧରେ ବ୍ୟାପକ ଜନଆନ୍ଦୋଳନ କରିବା ପାଇଁ ସଂଯୁକ୍ତ ମୋର୍ଚ୍ଚା ତଥା ମହିଳା ମୋର୍ଚ୍ଚା , ଯୁବ ମୋର୍ଚ୍ଚା, କୃଷକ ମୋର୍ଚ୍ଚା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ ମୋର୍ଚ୍ଚାର ମଣ୍ଡଳ ସ୍ତରର କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray